ଧରିତ୍ରୀ
DHARITRI
ରାୟଗଡ଼ା, ରବିବାର, ୧୦ ନଭେମ୍ବର, ୨୦୧୯



ବେଇମାନି ହେଉଛି ସମସ୍ତ ପାପର ଜନନୀ।
-ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଲୁଧିକୁଡ଼ି ଘାଟରେ ମୋଟରଚାଳିତ ବୋଟ ଉଦ୍‌ଘାଟିତ

ତେନ୍ତୁଲିଖୁଣ୍ଟି, ୯।୧୧(ଡି.ଏନ.ଏ.): ଲୁଧିକୁଡିସ୍ଥିତ ଡଙ୍ଗାଘାଟରେ ଶନିବାର ମୋଟର ଚାଳିତ ବୋଟ ଉଦଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଏମପି ତଥା ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଯୋଗ ଦେଇଥିଲେ। ୪ ପଞ୍ଚାୟତର ଜଳବନ୍ଦୀବାସୀଙ୍କ ପାଇଁ ୨ଟି ବୋଟ ଉଦଘାଟନ କରାଯାଇଥିଲା। ଭବାନୀପାଟଣା ପିଏ ଆଇଟିଡିଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଘୁଟୁଖାଲ ଲିଙ୍କ କେନାଲଠାରେ ୧୩୦ମିଟର ଲମ୍ବା ବ୍ରିଜ ନିର୍ମାଣ କରିବା ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଏମପି ଓ ବିଧାୟକ କହିଥିଲେ। କିନ୍ତୁ ୪ଟି ଘାଟ ପାଇଁ ୨ଟି ବୋଟ ଥିବାରୁ କେଉଁ ଘାଟରେ ବୋଟ ରହିବ ସ୍ଥିର ହୋଇ ନାହିଁ। ସେଥିପାଇଁ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ବୋଟ ଚଳାଚଳ ନ କରିବାକୁ ପିଏ ଆଇଟିଡିଏ ନିର୍ଦ୍ଦେଶ ଦେଇଥିଲେ। ମୋଟରଚାଳିତ ଡଙ୍ଗାଚାଳନ ଓ ତା'ର ମରାମତି ଆଦି ପାଇଁ ବ୍ୟବସ୍ଥା କରିବାକୁ ପୂର୍ବତନ ସମିତିସଭ୍ୟ ତୁଳା ପ୍ରଧାନ ଦାବିପତ୍ର ଦେଇଥିଲେ।

### ମା' ମହାମାୟୀ ପୂଜା ଉଦ୍‌ଯାପିତ



ଡାବୁଗାଁ,୯।୧୧(ଡି.ଏନ.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜୟନ୍ତୀନଗର ଠାରେ ମା' ମହାମାୟୀ ଠାକୁରାଣୀଙ୍କ ପୂଜା ଶନିବାର ଉଦଯାପିତ ହୋଇଯାଇଛି । ଏଥିରେ ଗ୍ରାମର ୯ ଜଣ ମହିଳା ଏକତ୍ରିତ ହୋଇ ୧ ବର୍ଷ ହେଲା ପ୍ରତ୍ୟେକ ଶନିବାର ଏହି ବ୍ରତ କରି ଆସୁଥିଲେ । ପ୍ରତ୍ୟେକ ଶନିବାର ମହିଳାମାନେ ଉପବାସ ରହି ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ । ଶନିବାର ଏକ ବଷ ପୂରଣ ହୋଇ ବ୍ରତ ଶେଷ ହୋଇଛି । ସମସ୍ତ ମହିଳାମାନେ ଏକାଠି ହୋଇ ପୂଜକ ଚୈତନ ଦାସ ଓ ମହେଶ ପଣ୍ଡାଙ୍କ ଦ୍ୱାରା ପୂଜା କରାଇଥିଲେ। ଏକ ବର୍ଷ ହେଲା ପୂଜା ପାଉଥିବା ମା' ମହାମାୟୀଙ୍କୁ ବିଦାୟ ଦେଇ ବିସର୍ଜନ କରିଥିଲେ ।

### ଆଶାକର୍ମୀ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର



ନବରଙ୍ଗପୁର,୯।୧୧(ବି.ପ୍ର): ରାଜ୍ୟ ଆଶାକର୍ମୀ ସଂଘ ନବରଙ୍ଗପୁର ଜିଲା ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସହାୟକ ଜିଲାପାଳ ମଧୁସୂଦନ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ମଜଦୂର ସଂଘର ଜିଲା ସମ୍ପାଦକ ପରମେଶ୍ୱର ବିଷୋୟୀ, ଅଶାକର୍ମୀ ସଂଘର ଜିଲା ସମ୍ପାଦିକା ସବିତା ପଣ୍ଡା ଏହି ଦାବୀପତ୍ର ଶୁକ୍ରବାର ପ୍ରଦାନ କରିଛନ୍ତି। ଅଶାକର୍ମୀମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଆଶାମାନଙ୍କୁ ୧୮ ହଜାର ଓ ଆଶା ସାଥି ମାନଙ୍କୁ ୨୪ ହଜାର ଟଙ୍କା ପ୍ରଦାନ, ପ୍ରୋଭିଡେଣ୍ଟ ଫଣ୍ଡ, ମୃତ୍ୟୁକାଳୀନ ୪ ଲକ୍ଷ ଟଙ୍କା କ୍ଷତିପୂରଣ, ବେତନ ବିହୀନ ଅଶା କର୍ମୀଙ୍କୁ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟରେ ନିୟୋଜିତ କରାଯିବା ପରିବର୍ତ୍ତେ ଅନେକ ସମୟରେ ବିଭିନ୍ନ ବିଭାଗର ବୈଠକକୁ ଡକାଯାଉଛି । ଏହା ଦ୍ୱାରା ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଏନେଇ ଯାତାୟତ ଖର୍ଚ୍ଚ ପ୍ରଦାନ କରାଯାଉ ଆଦି ଦାବୀରେ ଉଲ୍ଲେଖ କରିଛନ୍ତି।

### ଶିବଲିଙ୍ଗ ଆବିର୍ଭାବ



କୋଷାଗୁମୁଡା,୯।୧୧(ଡି.ଏନ.ଏ): କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ରାଜୋଡା ପଞ୍ଚାୟତର ଚୁରୁଚୁଣ୍ଡା ଗ୍ରାମର ଗ୍ରାମ୍ୟ ଜଙ୍ଗଲରେ ନୂତନ ଶିବଲିଙ୍ଗ ଆବିର୍ଭାବ ହୋଇଛି। ଜଣେ ବ୍ୟକ୍ତି ଜଙ୍ଗଲକୁ କାଠ ସଂଗ୍ରହ କରିବା ପାଇଁ ଯାଇଥିଲେ। ସେ ଶିବ ଲିଙ୍ଗ ଦେଖି ଗ୍ରାମରେ ଜଣାଇଥିଲା। ଗ୍ରାମବାସୀ ସେଠାରେ ପହଞ୍ଚି ପୂଜାର୍ଚ୍ଚନା କରିଛନ୍ତି।

# ୨୩୧୦ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



ଜିଲାପାଳ ଅଜିତ କୁମାର ମିଶ୍ର ଶିବିରକୁ ଉଦ୍‌ଘାଟନ କରୁଛନ୍ତି।



ଶିବିରରେ ରୋଗୀଙ୍କ ନାମ ପଞ୍ଜୀକରଣ କରାଯାଉଛି।

ଝରିଗାଁ,୯।୧୧(ସ୍ୱ.ପ୍ର)

**ମେଗା ସ୍ୱାସ୍ଥ୍ୟ ଶିବିର**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ବହୁ ଦୁର୍ଗମ ଅଞ୍ଚଳ ରହିଛି। ଏଠାକାର ରୋଗୀମାନେ ଚିକିତ୍ସା ସକାଶେ କଟକ, ଭୁବନେଶ୍ୱରକୁ ଯାଇ ଚିକିତ୍ସିତ ହେବା ସେମାନଙ୍କ ପକ୍ଷେ ସମ୍ଭବପର ନୁହେଁ। ଏହାକୁ ଦୃଷ୍ଟିରେ ରଖି କଟକସ୍ଥିତ ଚିତ୍ତଜ୍ଞାନୀ ଚାରିଟେବୁଲ୍ ଟ୍ରଷ୍ଟ ତରଫରୁ ଝରିଗାଁ ବ୍ଲକ ସଦର ମହକୁମାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଅଜିତ୍ କୁମାର ମିଶ୍ର, ଏସ୍‌ପି ନିତିନ୍ କୁଶଲକର ଢୁଗୁଢୁ ଯୋଗ ଦେଇ ସ୍ୱାସ୍ଥ୍ୟ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରକୁ ଝରିଗାଁ ବ୍ଲକ ସମେତ ଚନ୍ଦାହାଣ୍ଡି, ଉମରକୋଟ, ରାଇଘର, ଡାବୁଗାଁ ଆଦି ବ୍ଲକରୁ ରୋଗୀମାନେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆସିଥିଲେ। ଏଥିରେ ଏସସିବି, ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲ, ବୁର୍ଲା ମେଡିକାଲ କଲେଜର ବିଶେଷଜ୍ଞ, ଡାକ୍ତରଙ୍କ ଦ୍ୱାରା ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗର ଡାକ୍ତର ଓ ବିଶେଷଜ୍ଞମାନେ ୨୩୧୦ ରୋଗୀଙ୍କୁ ଚିକିତ୍ସା କରିଥିଲେ। ବିଶେଷକରି ଚକ୍ଷୁ , ଶିଶୁରୋଗ, ଭେଷଜ ଏବଂ ମୂତ୍ର ରୋଗୀଙ୍କ ଭିଡ ରହିଥିଲା। ସେହିପରି ଶିବିରରେ ମାଗଣାରେ ଅଲଟ୍ରାସାଉଣ୍ଡ, ଇସିଜି, ରକ୍ତ,ଝାଡା, ମୂତ୍ର ଆଦି ପରୀକ୍ଷା କରାଇଥିଲା। ଜିଲାପାଳ ଓ ଏସପି ଉପସ୍ଥିତ ରହି ରୋଗୀ ଚିକିତ୍ସା କିପରି ଚାଲିଛି ତାହା ଅନୁଧ୍ୟାନ କରିଥିଲେ। ୩ଶହ ରୋଗୀଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା। ମାଗଣାରେ ରୋଗୀଙ୍କୁ ଔଷଧ ସହ ବ୍ରେଡ୍, କଦଳୀ,ବିସ୍କୁଟ, ପାଣି ଦିଆଯାଇଥିଲା। ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଡାକ୍ତର ଦଣ୍ଡେଶ୍ୱର ହୋତା, ସମ୍ପାଦକ ରାଜେଶ୍ୱର ହୋତା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସନ୍ତୋଷ କୁମାର ସ୍ୱାଇଁ, ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ, ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆ, ଡାକ୍ତର ସ୍ମୃତି ସ୍ମରଣିକା, ଭାରପ୍ରାପ୍ତ ତହସିଲଦାର ଚିନ୍ମୟ ସାଗର, ଥାନା ଅଧିକାରୀ ନରେଶ କୁମାର ପ୍ରଧାନ,ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶିବପ୍ରସାଦ ପଟ୍ଟନାୟକ, ସିଡିପିଓ ଆର. ବାସନ୍ତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ପୋଲିସ ଗହଳିକୁ ନିୟନ୍ତ୍ରଣ କରିବା ସହ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର, ସମସ୍ତ ଅଧ୍ୟାପିକା ,ଅଧ୍ୟାପକ, କର୍ମଚାରୀମାନେ ସହଯୋଗ କରିଥିଲେ। ଆଗାମୀ ଦିନରେ ଜିଲା ପ୍ରଶାସନର ସହାୟତା ରହିଲେ ଜିଲାରେ ରହିଥିବା ଗ୍ରାମାଞ୍ଚଳକୁ ଯାଇ ସେଠାରେ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ବୋଲି ଟ୍ରଷ୍ଟର ମୁଖ୍ୟ କହିଥିଲେ। ଶିବିରକୁ ଚିକିତ୍ସା ପାଇଁ ଆସିଥିବା ରୋଗୀମାନେ ସ୍ୱାସ୍ଥ୍ୟସେବାକୁ ନେଇ ଖୁସିବ୍ୟକ୍ତ କରିବା ସହ ଆଉ କିଛିଦିନ ଏପରି ସ୍ୱାସ୍ଥ୍ୟଶିବିର ଚାଲିଲେ ଭଲ ହେବ ବୋଲି କହିଥିଲେ।

■ଯୁବତୀ-ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

# ନିରପେକ୍ଷ ତଦନ୍ତ ଦାବି କଲା ବିଶ୍ୱ ହିନ୍ଦୁ ପରିଷଦ

ନବରଙ୍ଗପୁର,୯।୧୧(ବି.ପ୍ର.)

ଚନ୍ଦାହାଣ୍ଡି ବ୍ଲକ ଅଧୀନ ଫଟକି ପଞ୍ଚାୟତ ତିଲିମାଲ ଗ୍ରାମରେ ଯୁବକ-ଯୁବତୀଙ୍କ ମୃତଦେହ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାକୁ ନେଇ ଯୁବକଙ୍କ ସ୍ତ୍ରୀ ହିରେନ୍ଦ୍ରୀ ନାୟକ ଓ ତାଙ୍କର ପରିବାର ଲୋକ ଅଭିଯୋଗ ପ୍ରକାରେ ତୁରନ୍ତ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ପରିଷଦର କର୍ମକର୍ତ୍ତାମାନେ ଏସପି ନିତୀନ କୁସାଲକରଙ୍କୁ ଭେଟି ଆଲୋଚନା କରି ଲିଖିତ ଭାବେ ଜଣାଇଛନ୍ତି। ହିରେନ୍ଦ୍ରୀଙ୍କ ଅଭିଯୋଗ ଅନୁଯାୟୀ ଏହିଘଟଣା ହତ୍ୟାଜନିତ ହୋଇଥିବାବେଳେ ତାହାକୁ ଆତ୍ମହତ୍ୟାର ରୂପ ଦିଆଯାଇଛି। ଏହି ଘଟଣା ସମ୍ପର୍କରେ ଥାନାରେ ଏତଲା ଦିଆଯାଇଥିଲେ ହେଁ ଚନ୍ଦାହାଣ୍ଡି ଥାନା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । କେବଳ ସାଧାରଣ କୁକୁର ସହାୟତାରେ ତଦନ୍ତ କରାଯାଇଥିବା ଅଭିଯୋଗ କରାଯାଇଛି । ଗତ ୩୧ ତାରିଖ ରାତିରେ ହିରେନ୍ଦ୍ରୀଙ୍କୁ ମୋବାଇଲରେ ଧମକ ଦିଆଯାଇଥିଲା। ଏହାର ମୋବାଇଲ ରେକର୍ଡିଂ ଯାଞ୍ଚ କରିବାକୁ ଦାବି କରାଯାଇଛି । ମୃତକଙ୍କୁ ତଳେ ଘୋଷାରି ନେବାର ଲମ୍ବା ଚିହ୍ନ ଘାସ ଓ ମାଟି ଉପରେ ପଡିଥିଲା । ଚପଲ ଦୁଇଟା ଏଣେ ତେଣେ ବାଟରେ ପଡିଥିଲା । ମୃତ ଯୁବତୀଙ୍କ ଓଢଣୀ ମଧ ବାଟରେ ପଡିଥିଲା । ଝୁଲୁଥିବା ଗଛରେ କୌଣସି ଚଢିବାର ଚିହ୍ନ ନଥିଲା । ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ତେବେ ଏହି ଘଟଣାର ନିଜେ ଏସପି ତଦନ୍ତ କରି ଜଣେ ନିରୀହ ବିଧବାକୁ ନ୍ୟାୟ ପ୍ରଦାନ କରିବାକୁ ଅନୁରୋଧ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ସଭାପତି, ଧର୍ମପ୍ରସାର ବିଭାଗ ସର୍ବେଶ୍ୱର ତ୍ରିପାଠୀ, ଜିଲା ସଭାପତି ବିନୟ କୁମାର କର, ଜିଲା ସମ୍ପାଦକ ସୁନୀଲ ବେହେରା ପ୍ରମୁଖ ଭେଟି ଆଲୋଚନା କରିଥିଲେ ।

# ଶିଶୁ ମନ୍ଦିରରେ ଶିଶୁ ଶିବିର

କୋରୁକୋଣ୍ଡା, ୯।୧୧(ଡି.ଏନ୍.ଏ.)



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଶିଶୁବାଟିକା ଛାତ୍ରୀଛାତ୍ର।

କୋରୁକୋଣ୍ଡା ସରସ୍ୱତି ଶିଶୁ ବିଦ୍ୟାମନ୍ଦିରର ଶିଶୁବାଟିକାରେ ଶିଶୁ ଶିବିର ଉତ୍ସବ ପାଳନ କରାଯାଇଛି। ଉତ୍ସବକୁ ସଭାପତି ଶଶିଭୂଷଣ ମଶ୍ର ଶୁଭାରମ୍ଭ କରିଥିଲେ। ପ୍ରଧାନାଚାର୍ଯ୍ୟ ପରିତୋଷ ମଣ୍ଡଳ ଶିଶୁ ଶିବିରର ମହତ୍ତ୍ୱ ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଶିଶୁବାଟିକା ପ୍ରମୁଖ ମମତା କୁମାରୀ ମହାରଣା ଅତିଥି ପରିଚୟ ଦେଇଥିଲେ। ଶିଶୁମାନେ ପ୍ରଥମେ ମା' ମଙ୍ଗଳାଙ୍କ ମନ୍ଦିର ଭ୍ରମଣ କରିଆସିବା ପରେ ବିଦ୍ୟାଳୟରେ କିଛି ପ୍ରଦର୍ଶନୀମୂଳକ କାର୍ଯ୍ୟ କରିଥିଲେ। ଉତ୍ସବକୁ ବିଦ୍ୟାଳୟ ଆଚାର୍ଯ୍ୟା ଆଚାର୍ଯ୍ୟ ଓ ପରିଚାଳନା କମିଟି ସଦସ୍ୟ ପରିଚାଳନା କରିଥିଲେ। ଆଚାର୍ଯ୍ୟା ସନ୍ତୋଷୀ ହରିଜନ ଧନ୍ୟବାଦ ଦେଇଥିଲେ।

■ପିକଅପ୍ ଧକ୍କାରେ ସ୍କୁଲ ଛାତ୍ର ମୃତ୍ୟୁ ଘଟଣା

### ଥାନାରେ ଏତଲା ଦେଲେ ଦୁଇପକ୍ଷ

କାଲିମେଲା,୯।୧୧(ଡି.ଏନ୍.ଏ.)

କାଲିମେଲା ଥାନା ଅଧୀନ ବୁଦୁଗୁଡା କଲୋନୀ ନିକଟରେ ଶୁକ୍ରବାର ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ଛାତ୍ରର ମୃତ୍ୟୁ ହୋଇଥିଲା। ଗ୍ରାମବାସୀ ଓ ମୃତ ଶିଶୁର ସମ୍ପର୍କୀୟ ଉକ୍ତ ଗାଡ଼ି ଡ୍ରାଇଭରଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏ ନେଇ ଉଭୟ ପକ୍ଷ କାଲିମେଲା ଥାନାରେ ଏତଲା ଦେଇଛନ୍ତି। କାଲିମେଲା ପୋଲିସ ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଦୁର୍ଘଟଣାରେ ବୁଦୁଗୁଡ଼ା କଲୋନୀ ଜଗନ୍ନାଥ ହରିଜନଙ୍କ ପୁଅଙ୍କ ମୃତ୍ୟୁ ହାଇଥିଲା। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ଭ୍ୟାନଟିକୁ ଜାଳିଦେବା ସହ ରାସ୍ତା ଅବରୋଧ କରିଥିଲେ। ଗ୍ରାମବାସୀ ଭ୍ୟାନ ଚାଳକ ଜୟଦେବ ରାୟଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଏଥିରେ ସେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

### ଶ୍ରୀମଦ୍ ଭାଗବତ ପ୍ରବଚନ

ତେନ୍ତୁଲିଖୁଣ୍ଟି, ୯।୧୧(ଡି.ଏନ.ଏ.):

ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡାସ୍ଥିତ ଗୋପାଳ ଶ୍ରୀକ୍ଷେତ୍ରରେ ଶ୍ରୀମଦ ଭାଗବତ ସପ୍ତାହ ପ୍ରବଚନ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ରାଞ୍ଚିସ୍ଥିତ ଚିନ୍ମୟ ମିଶନର ସାଧୁ ସ୍ୱାମୀ ମାଧବାନନ୍ଦଜୀ ଶ୍ରୀମଦ ଭାଗବତର ବାଣୀ ଉପରେ ପ୍ରବଚନ ଦେଇଥିଲେ। ଏଥିରେ ଖାତିଗୁଡାର ସୁଜିତ ପାଢୀ, ମନୋଜ ପାଢୀ, ପ୍ରିୟବ୍ରତ ପାଢୀ, ପ୍ରଭାସିନୀ ପାଢୀ, ହରିବନ୍ଧୁ ପରିଡା, ସହଯୋଗ କରିଥିଲେ।

# ରାଷ୍ଟ୍ରୀୟ ଆଇନ ସେବା ଦିବସ




ଜିଲା ଜଜ ପତାକା ଦେଖାଇ ପଦଯାତ୍ରା ଶୁଭାରମ୍ଭ କରୁଛନ୍ତି।

ନବରଙ୍ଗପୁର,୯।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ଶନିବାର ରାଷ୍ଟ୍ରୀୟ ଆଇନସେବା ଦିବସ ଅବସରରେ ସ୍ଥାନୀୟ ପୌରପାଳିକା ଅଫିସ ଛକ ପ୍ରାଙ୍ଗଣରୁ ପୋଲିସ ପଡିଆ ପର୍ଯ୍ୟନ୍ତ ଏକ ପଦଯାତ୍ରା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଜଜ ଅଶୋକ କୁମାର ପଣ୍ଡା ଯୋଗଦେଇ ଏକ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପଦଯାତ୍ରାରେ ଷ୍ଟୁଡେଣ୍ଟ ଲିଗାଲ ଲିଟେରାସି କ୍ଲବର ସଭ୍ୟ, ପାରା ଲିଗାଲ ସ୍ୱେଚ୍ଛାସେବୀ ଓ ଆଇନଜୀବୀମାନେ ଯୋଗଦେଇଥିଲେ । ଏଥିରେ ଆଇନ ସେବା ପ୍ରାଧୀକରଣର ବିଭିନ୍ନ ପ୍ରକାର ପ୍ରଚାରପତ୍ର ବଣ୍ଟନ କରାଯାଇଛି । ରେଜିଷ୍ଟ୍ରର ମନୋରଞ୍ଜନ ଦାସ, ଜିଲା ଆଇନ ସେବା ପ୍ରାଧୀକରଣର ସମ୍ପାଦକ ପ୍ରସନ୍ନ କୁମାର ବେହେରା, ସଲମା ବାନୋ, ଆଇନଜୀବୀ ମନୋରମା ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ଯୁବ ରେଡକ୍ରସ୍ ୟୁନିଟ୍ ଗଠିତ

ନବରଙ୍ଗପୁର,୯।୧୧(ବି.ପ୍ର)




ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ।

ନବରଙ୍ଗପୁର ଚର୍ଲିଆମ୍ବଗୁଡାଠାରେ ଥିବା ମଡେଲ ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ୟୁନିଟ ଗଠନ କରାଯାଇଛି। ମୁଖ୍ୟଅତିଥି ଭାବେ ଯୁବ ରେଡକ୍ରସର ଚେୟାରମ୍ୟାନ ତଥା ନବରଙ୍ଗପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଜିଲା ଯୁବ ରେଡକ୍ରସ ସଂଯୋଜକ ତଥା ରାଜଚାଉଁରିଆ ମହାବିଦ୍ୟାଳୟର ଅଧ୍ୟାପକ ଅଖିଳ କୁମାର ଭଞ୍ଜ, ମୁଖ୍ୟବକ୍ତା ତଥା ଖବରଦାତା ପ୍ରଦୀପ କୁମାର ପାଢୀ, ଅଧ୍ୟାପକ ଅରବିନ୍ଦ ଓଝା, ଅଧ୍ୟାପକ ମନ୍ମଥ କୁମାର ମାଝି, ଅଧ୍ୟକ୍ଷ ନକୁଳ ଚନ୍ଦ୍ର ମଲ୍ଲିକ, ଯୁବ ରେଡକ୍ରସ କାଉନସିଲର ଭୁବନେଶ୍ୱର ଶବର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ୟୁନିଟ ଆରମ୍ଭ ଘୋଷଣା ଓ ରେଡକ୍ରସର ଶପଥ ପାଠ କରାଇଥିଲେ। ଯୁବ ରେଡକ୍ରସ ଅଧିକାରୀ ଅଖିଳ କୁମାର ଭଞ୍ଜ ପ୍ରୋଜେକ୍ଟର ମାଧମରେ ଛାତ୍ରୀଛାତ୍ରମାନଙ୍କୁ ରେଡକ୍ରସ ବିଷୟରେ ବୁଝାଇଥିଲେ। ଅଧ୍ୟାପକ ଅଭିଜିତ ଲେଙ୍କା, ରାଜୀବ ଜାଲ, ସୁରଜ କୁମାର ସାହୁ ଉପସ୍ଥିତ ଥିଲେ।

■ ଭାଜପା ରାଜ୍ୟ ସଭାପତିଙ୍କ ନବରଙ୍ଗପୁର ଗସ୍ତ

# ପୌର ନିର୍ବାଚନ ପାଇଁ କର୍ମକର୍ତ୍ତାଙ୍କୁ ଦେଲେ ପରାମର୍ଶ

ନବରଙ୍ଗପୁର,୯।୧୧(ବି.ପ୍ର.)



ବୈଠକରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ନେତା ଓ କର୍ମକର୍ତ୍ତାଙ୍କ ସହ ଆଲୋଚନା କରୁଛନ୍ତି।

ଭାଜପା ରାଜ୍ୟ ସଭାପତି ତଥା କଳାହାଣ୍ଡି ଏମପି ବସନ୍ତ ପଣ୍ଡା ନବରଙ୍ଗପୁର ଗସ୍ତରେ ଆସି ସର୍କିଟ ହାଉସଠାରେ ଦଳର ନେତା ଓ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ। ଗତ ସାଧାରଣ ନିର୍ବାଚନରେ ନବରଙ୍ଗପୁର ଜିଲାର ଏମପି ଓ ୩ ବିଧାୟକ ପରାଜୟ ହୋଇଥିବା ନେଇ ସେ ସଙ୍ଗଠନର ଦୁର୍ବଳତାକୁ ଦାୟୀ କରିଥିଲେ। ତେବେ ପୌର ନିର୍ବାଚନ ଓ ପରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରହିଥିବାରୁ ବର୍ତ୍ତମାନ ଠାରୁ ଦଳର କର୍ମକର୍ତ୍ତା ଓ କର୍ମୀ ନିଷ୍ଠାପର ଭାବେ କାର୍ଯ୍ୟ କରିବାରୁ ପରାମର୍ଶ ଦେଇଥିଲେ । ଏନେଇ ଦଳର କର୍ମକର୍ତ୍ତାଙ୍କୁ କର୍ଣ୍ଣ ମନ୍ତ୍ରଣା ଦେଇଥିଲେ। ଜିଲାର ସଦସ୍ୟତା ସଂଗ୍ରହ ସଂପର୍କରେ ଆଲୋଚନା କରିବା ସହ ସମସ୍ତ ବୁଥ ସ୍ତରରେ କମିଟି ଗଠନ କରି ଅତିକମରେ ପ୍ରତି ବୁଥରେ ଏକଶହ ସଦସ୍ୟ କରିବାକୁ କହିଥିଲେ । ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅତିକମରେ ୫୦ ହଜାର ସଦସ୍ୟ କରିବାକୁ କହିଥିଲେ । ଆସନ୍ତା ୧୫ ତାରିଖ ସୁଦ୍ଧା ସମସ୍ତ ସଦସ୍ୟତା କାର୍ଯ୍ୟ ଶେଷ କରି ଡିସେମ୍ବର ସୁଦ୍ଧା ସମସ୍ତ ସଦସ୍ୟତାର ହିସାବ ରାଜ୍ୟ କାର୍ଯ୍ୟାଳୟକୁ ପହଞ୍ଚିବା ଦରକାର ବୋଲି କହିଥିଲେ । ତେବେ କେତେକ ମଣ୍ଡଳରେ କମ ସଦସ୍ୟତା ହୋଇଥିବାରୁ ଏଥିପ୍ରତି ତୁରନ୍ତ ପଦକ୍ଷେପ ନେଇ ସଦସ୍ୟ ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ ଜିଲାର ସମସ୍ତ ୨୮ଟି ମଣ୍ଡଳର ସଭାପତି ପାଇଁ ୩ଜଣ ଲେଖାଏଁ ନାମ ସୁପାରିଶ କରାଯାଇଛି । ଆସନ୍ତା ୧୪ରୁ ୧୬ ପର୍ଯ୍ୟନ୍ତ ରାଜ୍ୟ ସ୍ତରୀୟ ବୈଠକରେ ଚୂଡାନ୍ତ ନାମ ଘୋଷଣା କରାଯିବ ବୋଲି ଜଣାପଡିଛି । ଏହାପରେ ଜିଲାର ସାଙ୍ଗଠାନିକ ନିର୍ବାଚନ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଜଣାଯାଇଛି । ତେବେ ଦଳକୁ ଅଧିକ ସଙ୍ଗଠିତ କରିବା ଓ ସମସ୍ତେ ଏକଜୁଟ ହୋଇ କାମ କରିବାକୁ କହିଥିଲେ । ଏହି ବୈଠକରେ ଜିଲା ସଭାପତି ଗୋବିନ୍ଦ ଜୈନ, ପୂର୍ବତନ ଏମପି ପର୍ଶୁରାମ ମାଝୀ, ପୂର୍ବତନ ଜିଲା ସଭାପତି ଗଙ୍ଗାଧର ସାମନ୍ତରାୟ, ଜିଲା ସାଧାରଣ ସମ୍ପାଦକ ଜଗଦିଶ ଚନ୍ଦ୍ର ବିଷୋୟୀ, ଗୌରୀଶଙ୍କର ମାଝୀ , ଜିଲା ପଛୁଆବର୍ଗ ସଭାପତି ମନୋଜ ମହାଲ୍ଲୁଡ, ରାଜ୍ୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ।

**ଓସିଏଲ୍ ଇଣ୍ଡିଆ ଲିମିଟେଡ**
ବିଶ୍ୱାଳୀ, ଟାଙ୍ଗୀ, କଟକ – ୭୫୪୦୮୨ (ଓଡ଼ିଶା)
**ପବ୍ଲିକ ନୋଟିସ୍**
ସର୍ବସାଧାରଣଙ୍କ ଗୋଚରାର୍ଥେ ଏହା ଜଣାଇ ଦିଆଯାଉଅଛି ଯେ, ଓଡ଼ିଶାର କଟକ ଜିଲାର ଟାଙ୍ଗି–ଚୌଦ୍ୱାର ତହସିଲ ଅନ୍ତର୍ଗତ କପିଳାସ ସିମେଣ୍ଟ ମାନୁଫାକଚରିଙ୍ଗ ୱାର୍କସ (ଡାଲମିଆ ଭାରତ ଗ୍ରୁପ ଅନ୍ତର୍ଗତ ଓସିଏଲ୍ ଇଣ୍ଡିଆ ଲିମିଟେଡ଼ର ଅଂଶବିଶେଷ)ର ସମ୍ପ୍ରସାରଣ ହେତୁ ସିମେଣ୍ଟ ବାର୍ଷିକ ଉତ୍ପାଦନ କ୍ଷମତାକୁ ୧.୭୦ ମିଲିୟନ ଟନରୁ ୪.୨୦ ମିଲିୟନ ଟନକୁ ବୃଦ୍ଧି କରାଯିବା ପାଇଁ ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ପକ୍ଷରୁ ଚିଠି କ୍ରମିକ ସଂଖ୍ୟା ୭୪୮୨/ଏସ୍.ଇ.ଆଇ.ଏ.ଏ. ତା୦୬।୧୧।୨୦୧୯ରିଖ ଦ୍ୱାରା ପରିବେଶ ସମ୍ବନ୍ଧୀୟ ଅନୁମତି ପ୍ରଦାନ କରାଯାଇଅଛି। ଉକ୍ତ ଅନୁମତି ସମ୍ବଳିତ ଚିଠିର ନକଲ ମାନ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଭୁବନେଶ୍ୱରର ନିକଟରେ ଉପଲବ୍ଧ। ଏତଦ୍‌ବ୍ୟତୀତ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ୱେବ୍‌ସାଇଟ **http://envfor.nic.in** ଠିକଣାରେ ମଧ ଏହା ଉପଲବ୍ଧ।
ମନୋରଞ୍ଜନ ସାହୁ
ଉପକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**SAMBALPUR UNIVERSITY**
Jyoti Vihar-768019, Dist.: Sambalpur (Odisha)
www.suniv.ac.in
No. 7185/Synd. Dt.: 08.11.2019
**30th CONVOCATION - 29.11.2019**
The 30th Convocation of Sambalpur University, Jyoti Vihar, Burla is scheduled to be held on **29.11.2019** at 10.00 am in Biju Patnaik Auditorium of the University as per the Gazette Notification No. 2007 dt.25.10.2019.
The Doctorate Degrees for the year 2019 examinations will be conferred and Gold Medals/ Prizes of 2019 examinations will be distributed on this occasion. Degree/Diplomas for the examinations 2019 will also be conferred and distributed to the successful regular candidates including those of Autonomous colleges through Principals of their respective Colleges and Heads of the University P.G. Depts and to the Non-Collegiate candidates through the Registrar of the University as per prescribed procedures. The Hon'ble Chancellor will preside over the Convocation.
The details relating to applications and prescribed fees for receiving Ph.D/D.Litt/D.Sc/LL.D Degrees and Gold Medals is available in the University website- **www.suniv.ac.in**
Sd/- Registrar

## ସଂକ୍ଷେପରେ

### କୋରାପୁଟର ୨ ଅଧିକାରୀ ସମ୍ମାନିତ

**କୋରାପୁଟ,୯।୧୧(ସ୍ୱ.ପ୍ର.):** କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶୁକ୍ରବାର ରାଜ୍ୟ କୃଷି ମନ୍ତ୍ରୀଙ୍କ ଦ୍ୱାରା କୋରାପୁଟ ଜିଲାର ଦୁଇ କୃଷି ଅଧିକାରୀ ସମ୍ମାନିତ ହୋଇଛନ୍ତି। ଶୁକ୍ରବାର ରାତିରେ ଭୁବନେଶ୍ୱରସ୍ଥିତ କୃଷି ଭବନରେ ବିଭାଗୀୟ କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ଡ. ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଜିଲା ଜଳ ବିଭାଜିକା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋଙ୍କୁ ସମ୍ମାନିତ କରିଥିଲେ ମନ୍ତ୍ରୀ। ସେହିପରି ଉଦ୍ୟାନ କୃଷି ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲା ଉଦ୍ୟାନ ବିଭାଗର ଅଧିକାରୀ ପ୍ରମୋଦ ସେଠୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧରେ ରାଜ୍ୟ କୃଷି ବିଭାଗ ପ୍ରମୁଖ ସଚିବ ଡ. ସୌରଭ ଗର୍ଗ ଉପସ୍ଥିତ ଥିଲେ।

### ତରୁଣ ପ୍ରଜ୍ଞା ଭାରତୀର ପ୍ରତିଯୋଗିତା



**ଜୟପୁର,୯।୧୧(ନି.ପ୍ର./ଡି.ଏନ.ଏ.):** ତରୁଣ ପ୍ରଜ୍ଞା ଭାରତୀ ତରଫରୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପାହାଡ଼ଚଢ଼ାରେ ୨୯୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରୁଣାଗଡ଼ ଡଙ୍ଗରଦେଇ ମନ୍ଦିରରୁ ନାକଟିଡଙ୍ଗର ଶୀର୍ଷ ପର୍ଯ୍ୟନ୍ତ ପାହାଡ଼ଚଢ଼ା ହୋଇଥିଲା। ନଗରୀ ସୁଧା ପ୍ରତିଯୋଗିତାରେ ବିଦ୍ୟାଳୟର ୧୬, ଚିତ୍ରାଙ୍କନରେ ୫୯ ଜଣ ଜଣ ଛାତ୍ରୀଛାତ୍ର, ନାନାବାୟା ଗୀତ ପ୍ରତିଯୋଗିତାରେ ୧୫ ଜଣ ମହିଳା ଭାଗ ନେଇଥିଲେ। ଦେଶାତ୍ମବୋଧ କବିତା ଲିଖନ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଏଥିରେ ୩୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ମଣ୍ଡଳୀ ଭାବେ ସାହିତ୍ୟିକ ସୁବାସ ଚନ୍ଦ୍ର ମିଶ୍ର, ବିଜୟ ନାରାୟଣ ପାତ୍ର, ନରସିଂହ ପ୍ରସାଦ ଷଡ଼ଙ୍ଗୀ, ଅର୍ଜୁନ ନାୟକ, ପି. ଶ୍ରୀନିବାସ, ଶୁଭସ୍ମିତା ସାହୁ, ପ୍ରଭାକର ମହାରଣା, ଅଶୋକ ମହାରଣା, ଅଶୋକ ପଲେଇ, ନିରଞ୍ଜନ ପାଣିଗ୍ରାହୀ ରହିଥିଲେ। ପାହାଡ଼ଚଢ଼ାରେ ନିରଞ୍ଜନ ପାଣିଗ୍ରାହୀ, କୃଷ୍ଣ କେଶବ ଷଡ଼ଙ୍ଗୀ, ନିଶାନ ପଟ୍ଟନାୟକ, ସଞ୍ଜୟ ଜୈନ, କାଳି ଚରଣ ଶର୍ମା, କିବାତ ପଲେଇ ସହଯୋଗ କରିଥିଲେ।

### ଗଞ୍ଜେଇ, ବାଇକ୍ ଜବତ: ଜଣେ ଗିରଫ



**କୁନ୍ଦୁରା,୯।୧୧(ଡି.ଏନ୍.ଏ.)** କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଗଞ୍ଜେଇ ଚାଲାଣକୁ ଧରିଛି ପୋଲିସ। ଗତ ୮ ତାରିଖରେ ଜୟପୁର ବ୍ଲକ ଆମ୍ବାଗୁଡ଼ା ଅଞ୍ଚଳର ଜଣେ ଯୁବକ କୁନ୍ଦୁରା ଅଞ୍ଚଳରେ ବଜାଜ ପଲସର (ଓଡି୧୦ ଇ ୫୯୪୧)ରେ ୧୦ କେଜି ୨୦୦ ଗ୍ରାମ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପାଟ୍ରୋଲିଂ ଟିମ୍ ତାଙ୍କୁ ଧରିଥିଲା। ଗିରଫ ପରେ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂର୍ଯ୍ୟପ୍ରକାଶ ନାୟକ କହିଛନ୍ତି।

### ଶୀତମ କଲେଜରେ ଆଲୋଚନାଚକ୍ର

**ସେମିଳିଗୁଡ଼ା,୯।୧୧(ସ୍ୱ.ପ୍ର.)** ଶୀତମ ଇଞ୍ଜିନିୟରିଂ କଲେଜରେ ଶୁକ୍ରବାର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ହାଲ୍ ପ୍ରାକ୍ତନ ଚେୟାରମ୍ୟାନ ପଦ୍ମଶ୍ରୀ ଡ. ସି.ଜି. କୃଷ୍ଣ ଦାସ ନାୟାର ଯୋଗଦେଇ 'ପ୍ରଯୁକ୍ତି ଇଞ୍ଜିନିୟରିଂର ବିକାଶ କ୍ରମ, ମାନବ ପ୍ରଗତି ଓ ସମୃଦ୍ଧି' ଶୀର୍ଷକ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ଶୀତମ କଲେଜ ଅଧକ୍ଷ କୃଷ୍ଣ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହାଲ୍ ଇଡି ଦେବାଶିଷ ଦେବ ଅତିଥି ଥିଲେ। ଏଥିରେ କଲେଜର ଇଞ୍ଜିନିୟର, ଅଧାପକ, ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶୀତମ କଲେଜର ଭାଇସ ଚେୟାରମ୍ୟାନ ଡି.କେ. ମହାପାତ୍ର, ସମ୍ପାଦକ ଏଲ୍.କେ. ରାଉତ ଓ ନିର୍ଦ୍ଦେଶକ ଡା. କେ.ସି. ବେହୁରିଆ ଉପସ୍ଥିତ ଥିଲେ।

■ ଜିଲାସ୍ତରୀୟ ଶିଶୁ ମହୋତ୍ସବ ଉଦ୍‌ଯାପିତ

# ପିଲାଙ୍କ ଅନ୍ତର୍ନିହିତ ପ୍ରତିଭା ସାମ୍ନାକୁ ଆଣୁଛି 'ସୁରଭି'

**କୋରାପୁଟ,୯।୧୧(ସ୍ୱ.ପ୍ର.)**



ସୁରଭି କାର୍ଯ୍ୟକ୍ରମ ମଞ୍ଚରେ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ସହ ଅନ୍ୟମାନେ ।

କୋରାପୁଟସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ସନ୍ଧ୍ୟାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଛି। ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଏହାର ଶୁଭାରମ୍ଭ କରିଛନ୍ତି। ଜିଲାର ଶିଶୁଙ୍କ ପାଖରେ ରହିଥିବା ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ଏହିପରି କାର୍ଯ୍ୟକ୍ରମ କରାଯାଉଥିବା ସେ ନିଜ ବକ୍ତବ୍ୟରେ କହିଛନ୍ତି। ସକାଳେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଡିଆରଡିଏ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ନାୟକ, କୋରାପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ଶ୍ରୀକାନ୍ତ ଜାନି ଯୋଗ ଦେଇଥିଲେ। ସୁରଭିରେ ଜିଲାର ୧୪ଟି ବ୍ଲକ ଓ ୪ ପୌରାଞ୍ଚଳର ସମସ୍ତ ଛାତ୍ରୀଛାତ୍ର ସାମିଲ ହୋଇ ବିତର୍କ (ବରିଷ୍ଠ), ପ୍ରବନ୍ଧ ଲିଖନ (ବରିଷ୍ଠ), ଚିତ୍ରାଙ୍କନ (ବରିଷ୍ଠ, କନିଷ୍ଠ ଓ ଦିବ୍ୟାଙ୍ଗ ବରିଷ୍ଠ), କୁଇଜ (ବରିଷ୍ଠ ଓ କନିଷ୍ଠ), ବକ୍ତୃତା (ବରିଷ୍ଠ ଓ କନିଷ୍ଠ) ସୃଜନଶୀଳ ଲିଖନ (ବରିଷ୍ଠ ଓ କନିଷ୍ଠ), ସଙ୍ଗୀତ (ବରିଷ୍ଠ ଓ କନିଷ୍ଠ, ଦିବ୍ୟାଙ୍ଗ), ଓଡ଼ିଆ ହସ୍ତାକ୍ଷର ଓ ଶ୍ରୁତଲିଖନ (କନିଷ୍ଠ), ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ଚିତ୍ରକଳା ଓ ଶିଳ୍ପକଳା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲା ଶିକ୍ଷାଅଧିକାରୀ ପ୍ରମୋଦ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ଅଧାପକ ଡ. ମନୋରଞ୍ଜନ ପ୍ରଧାନ, ନାରାୟଣପାଟଣା ବିଇଓ ଜଗନ୍ନାଥ ଭତ୍ରା, ଜୟପୁର ବିଇଓ ସୁରେନ୍ଦ୍ର ପଟ୍ଟନାୟକ, ସେମିଳିଗୁଡ଼ା ବିଇଓ ଚାମେଲି ମଜୁମଦାର ଯୋଗ ଦେଇଥିଲେ। ସର୍ବଶିକ୍ଷା ଅଭିଯାନର ଶୁଭେନ୍ଦୁ ବାରିକ, ଚନ୍ଦ୍ରକଳା ବଗର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୬ରେ ଜିଲାପାଳ ଅଫିସ୍ ଘେରିବ କଂଗ୍ରେସ

**ଜୟପୁର,୯।୧୧(ଡି.ଏନ୍.ଏ./ନି.ପ୍ର.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ପରିଚାଳନାରେ ବିଫଳତା ଏବଂ ବିଭିନ୍ନ ଭୁଲ ନିଷ୍ପତ୍ତି ଯୋଗୁ ଦେଶରେ ଅର୍ଥନୈତିକ ସଙ୍କଟ ଦେଖାଦେଇଛି । ଏହାର ପ୍ରତିବାଦରେ ଜିଲା କଂଗ୍ରେସ ଆସନ୍ତା ୧୬ରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ। ଶନିବାର ମଧ୍ୟାହ୍ନରେ ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତାରାପ୍ରସାଦ ବାହିନୀପତି ଏହି ସୂଚନା ଦେଇଛନ୍ତି। ଭାଜପା ସରକାରରେ ଅର୍ଥନୀତି ମାନ୍ଦାବସ୍ଥା, ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥର ଆକାଶଛୁଆଁ ଦରବୃଦ୍ଧି ସମସ୍ତ ଜନତାଙ୍କୁ ମର୍ମାହତ କରିଛି। ୫ ବର୍ଷ ଏନଡିଏ ସରକାର ଶାସନ କରିବା ପରେ ଚଳିତ ଦଫାର ୮ ମାସ ମଧ ସରକାର କଲାଣି ଭାଜପା। କିନ୍ତୁ ଏହି ସମୟରେ ଦେଶରେ ଆର୍ଥିକ ସ୍ଥିତ ଜଟିଳ ହେଉଛି। ବିଦେଶରୁ କଳାଧନ ଆଣିବା, ପ୍ରତ୍ୟେକଙ୍କ ବ୍ୟାଙ୍କଖାତାକୁ ୧୫ ଲକ୍ଷ ଟଙ୍କା ଜମାହେବା, ୨ କୋଟି ଯୁବତୀ ଯୁବକଙ୍କୁ ନିଯୁକ୍ତି ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହାନ୍ତି। ତେଣୁ ଏହାକୁ ବିରୋଧ କରି ଧାରଣା ଦେବ କଂଗ୍ରେସ। ଏଥିରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଜୟପୁର ଓ ବୋରିଗୁମ୍ମା ବ୍ଲକ ଅଞ୍ଚଳରୁ ୪୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେବେ। ବୈଠକରେ କଂଗ୍ରେସ ନେତା ଅଶୋକ ଗନ୍ତାୟତ, ନିହାର ବିଶୋୟୀ, ବସନ୍ତ ନାୟକ, ସୁକାନ୍ତ ପଟ୍ଟନାୟକ, ଗଙ୍ଗାଧର ସାହୁ, ବୁଲୁ ସାହୁ, ହାସନ ମଦାନି, ନଳିନୀ ରଥ ଉପସ୍ଥିତ ଥିଲେ।

## ବଲ୍ଲଭ ନାରାୟଣଙ୍କ ସୁନାବେଶ

**ଜୟପୁର,୯।୧୧(ନି.ପ୍ର.)**



ପବିତ୍ର କାର୍ତ୍ତିକ ମାସର ବଡ଼ ଏକାଦଶୀରେ ଶୁକ୍ରବାର ଉତ୍ତରମୁଖୀ ବଲ୍ଲଭ ନାରାୟଣଙ୍କ ସୁନାବେଶ ଅନୁଷ୍ଠିତ ହୋଇଛି। ଏହା ସହ ଛପନ ଭୋଗ, କାକରା, ଆରିସା, ଖଜା ପ୍ରମୁଖ ନାରାୟଣଙ୍କ ପାଖରେ ଭୋଗ ଲାଗି କରାଯାଇଛି। ସ୍ୱତନ୍ତ୍ର ଆଳତି, ସ୍ୱତନ୍ତ୍ର ପୂଜା ସହ ବେଢ଼ା ଅନୁଷ୍ଠିତ ହୋଇଥିଲା। ଏଥିରେ ହଜାର ହଜାର ମହିଳା ସାମିଲ ହୋଇ ବେଢ଼ା ୪ ଥର ମନ୍ଦିର ପରିକ୍ରମା କରିବା ସହ ନାରାୟଣଙ୍କ ସୁନାବେଶ ଦର୍ଶନ କରିଥିଲେ। ଜଗନ୍ନାଥଙ୍କ ମନ୍ଦିରରେ ମଧ ୪ଥର ପରିକ୍ରମା କରାଯାଇଥିବା ବେଳେ ମନ୍ଦିର ଉପରକୁ ଡିବ ଚଢ଼ାଯାଇଥିଲା। ଏହାସହ ଜଗନ୍ନାଥଙ୍କ ସୁନାବେଶ ହୋଇଥିଲା। ଶୁକ୍ରବାରଠାରୁ କାର୍ତ୍ତିକ ମାସର ପବିତ୍ର ପଞ୍ଚୁକ ଆରମ୍ଭ ହେବା ପରେ ଜୟପୁର ଚଳଚଞ୍ଚଳ ହୋଇ ଉଠିଛି । ସହରର ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ଚୈତନ୍ୟ ମନ୍ଦିର, ଗୀତା ଭବନ, ରଘୁନାଥ ମନ୍ଦିର, ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିର, ମହାଲକ୍ଷ୍ମୀ ମନ୍ଦିର, ସନ୍ତୋଷୀ ମା' ମନ୍ଦିର, ହଟକେଶ୍ୱର ମନ୍ଦିର, ପଞ୍ଚାନନ ମନ୍ଦିର, ବୈଦ୍ୟନାଥ ମନ୍ଦିର, ହନୁମାନ ମନ୍ଦିର, ଉଗ୍ରତାରା ମନ୍ଦିର, ମା' ମଙ୍ଗଳା ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, ଗାଙ୍ଗମା' ମନ୍ଦିରରେ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗୁଛି।

# ନନ୍ଦପୁରରେ ବ୍ଲକସ୍ତରୀୟ ପରବ ଉଦ୍‌ଯାପିତ

**ନନ୍ଦପୁର,୯।୧୧(ଡି.ଏନ୍.ଏ.)**



ପରବ ମଞ୍ଚରେ ନନ୍ଦପୁରର ଜଣେ ପର୍ବତାରୋହୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

ନନ୍ଦପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଶୁକ୍ରବାର ରାତିରେ ବ୍ଲକସ୍ତରୀୟ ପରବ ଉଦ୍‌ଯାପିତ ହୋଇଛି। ସକାଳେ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧକ୍ଷ ନାର୍ସୁଲ କାମିଡ଼ି, ନନ୍ଦପୁର ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ନନ୍ଦପୁର ତହସିଲଦାର ସିମାଞ୍ଚଳ ପାତ୍ର, ଥାନା ଅଧିକାରୀ କପିଳେଶ୍ୱର ବେହେରା ଯୋଗ ଦେଇଥିଲେ। ସନ୍ଧ୍ୟାରେ ଉଦ୍‌ଯାପନୀ ସଭାରେ ବିଧାୟକ ପ୍ରୀତମ ପାଢ଼ୀ, କୋରାପୁଟ ବିଧାୟକ ରଘୁରମ ପଡାଲ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ଜିଲା ପରିଷଦ ଅଧକ୍ଷା ତୁଳସୀ କିର୍ସାନି, ଉପାଧକ୍ଷ ନର୍ସୁଲ କାମିଡ଼ି, ସହକାରୀ ଜିଲାପାଳ ଆଲୋକ ଅନୁଗୁଳିଆ, ବ୍ଲକ ଅଧକ୍ଷ ମଧୁ ମୁଦୁଲି, ଜିଲା ପରିଷଦ ସଭ୍ୟ ପ୍ରଭାତ ଗୁରୁମାଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନନ୍ଦପୁର ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳକୃଷ୍ଣ ବେହେରା, ଗୋପାଳ ମାଟାମ, ବାବା ଆମେଦକର ସେବା ସମିତି ସଭାପତି ଜଗନ୍ନାଥ ପାଙ୍ଗି, ପୂର୍ବତନ ଜିଲା ପରିଷଦ ସଭ୍ୟ ଜୟରାମ ଖୋଲ, ରାଇସିଂହ ସମିତି ସଭ୍ୟ କାଶୀନାଥ ଗୋଲରି ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାରମାନେ ଆଦିବାସୀ ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ନନ୍ଦପୁର ବିଡିଓ କୈଳାସ ଚନ୍ଦ୍ର ଶିଆଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରବକୁ ଟଙ୍କଧର ଖରା ପରିଚାଳନା କରିଥିଲେ। ଶେଷରେ କଳାକାରଙ୍କୁ ମାନପତ୍ର ସହ କପ୍ ଓ ସିଲ୍ଡ ଦେଇ ପୁରସ୍କୃତ କରାଯାଇଥିଲା।

## ଆଇନସେବା ଦିବସରେ ସଚେତନତା ସଭା



ସଚେତନତା ସଭାରେ ମଞ୍ଚାସୀନ ଅତିଥି ।

**ମାଲକାନଗିରି, ୯।୧୧(ସ୍ୱ.ପ୍ର.)**

ଏମ୍‌ଭି-୭ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସ୍କୁଲ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରାଧିକରଣ ଅଧକ୍ଷ ରୋହିତଲାଲ ପଣ୍ଡା ଉଦ୍‌ଘାଟନ କରିଥିଲେ। ପରେ ସ୍କୁଲ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ରେଜିଷ୍ଟ୍ରାର ହିମାଂଶୁ ଶେଖର ସିଂ, ଜିଲା ଆଇନସେବା ପ୍ରାଧିକରଣ ସଚିବ ଅମରେଶ ନାୟକ, ଜେଏମ୍‌ଏଫ୍‌ସି ଶ୍ରୀକାନ୍ତ ପାଢ଼ୀ, ପଦ୍ମଲାମ ମାଝି, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅଶୋକ ପଟ୍ଟନାୟକ, ଶିଶୁ ମଙ୍ଗଳ ସମିତି ସଦସ୍ୟ ଦୀନବନ୍ଧୁ ଦାସ, ତମସା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ବିଷ୍ଣୁଚରଣ ତ୍ରିପାଠୀ, ସ୍କୁଲ ପ୍ରଧାନ ଶିକ୍ଷକ ଈଶ୍ୱର ରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ଲୋକେ କିପରି ଆଇନ ସେବା ପାଇପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ସେବା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଧାରା ସମ୍ବନ୍ଧରେ ଅତିଥିମାନେ ସୂଚନା ଦେଇଥିଲେ।

## ରାଜନୀତି ବିଜ୍ଞାନ ବିଭାଗ କର୍ମଶାଳା

**ଜୟପୁର,୯।୧୧(ନି.ପ୍ର.)**

ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଅଧକ୍ଷା ରଚନା ଆଚାର୍ଯ୍ୟଙ୍କ ଅଧକ୍ଷତାରେ 'ଗ୍ରାମୀଣ ବିକାଶରେ ବିକେନ୍ଦ୍ରୀକରଣ ଏବଂ ସଶକ୍ତୀକରଣ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରଫେସର କିଶୋର ଚନ୍ଦ୍ର ବେହେରା, ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ପି. ସାନ୍ତାକୁମାରୀ ଓ ଅବସରପ୍ରାପ୍ତ ପ୍ରଫେସର ଡ. ବିଜୟ ମିଶ୍ର ଯୋଗ ଦେଇଥିଲେ। ଭାରତର ଗ୍ରାମାଞ୍ଚଳରେ ରହିଥିବା ପଞ୍ଚାୟତ ବ୍ୟବସ୍ଥା ଗଣତନ୍ତ୍ରର ଆତ୍ମା ସଦୃଶ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ପହଞ୍ଚିବାରେ ସହଯୋଗ କରୁଛି। ଏହାର ବିକେନ୍ଦ୍ରୀକରଣ କରାଯିବା ଫଳରେ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି ପାଇଛି। ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଜନ ହିଁ ସବୁ କିଛି ବୋଲି ଉପସ୍ଥିତ ଥିବା ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଶଙ୍କର ପ୍ରସାଦ ଦୁରିଆ, କାଜଲ ଗନ୍ତାୟତ, କାହ୍ନୁଚରଣ ବରାଡ଼, ଗାୟତ୍ରୀ ମହାପାତ୍ର ଓ ଉତ୍ତମ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ଲକ୍ଷ୍ମୀପୁର, କାକିରିଗୁମ୍ମା ଥାନା କୋଠା ଉଦ୍‌ଘାଟିତ




ଥାନାର କୋଠାକୁ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି, କୋରାପୁଟ ଏସପି, ଏମପି ସପ୍ତଗିରି ଉଲ୍ଲାକା, ଲକ୍ଷ୍ମୀପୁର ବିଧାୟକ ଉଦ୍‌ଘାଟନ କରୁଛନ୍ତି।

**ଲକ୍ଷ୍ମୀପୁର,୯।୧୧(ଡି.ଏନ୍.ଏ.)**

କୋରାପୁଟ ଜିଲା ଲକ୍ଷ୍ମୀପୁର ଥାନା ଓ କାକିରିଗୁମ୍ମା ଥାନାର ଶୁଭ ଉଦ୍‌ଘାଟନ ହୋଇଛି। ଶୁକ୍ରବାର ମୁଖ୍ୟ ଅତିଥି ଭାବେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିକ ଅହମ୍ମଦ ଖାନ ଏହାର ଶୁଭାରମ୍ଭ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଏସ୍‌ପି ମୁକେଶ କୁମାର ଭାମୋ, ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ପ୍ରଭୁ ଜାନୀ, ପୂର୍ବତନ ବିଧାୟକ କୈଳାସ କୁଲେସିକା, ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ଦାଶ ଯୋଗ ଦେଇଥିଲେ। ଏସ୍‌ପି ଭାମୋ କହିଥିଲେ, ଲକ୍ଷ୍ମୀପୁର, ନାରାୟଣପାଟଣା, ବନ୍ଧୁଗାଁ ଅଞ୍ଚଳରେ କେତେକ ଅସାଧୁ ବ୍ୟକ୍ତି ମାଓବାଦୀ ନାଁରେ ଲୋକଙ୍କୁ ଭୟଭୀତ କରି ଅର୍ଥ ଆଦାୟ କରୁଥିଲେ। ଲୋକଙ୍କ ସହଯୋଗରେ ସେମାନଙ୍କୁ ପୋଲିସ ଗିରଫ କରି ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା କରିଛି। ଡିଆଇଜି ସଫିକ ଅହମ୍ମଦ ଖାନ କହିଥିଲେ, ଅଞ୍ଚଳର ସାଧାରଣ ଜନତାଙ୍କ ସେବା ପାଇଁ ୨ କୋଟି ଟଙ୍କା ବ୍ୟୟରେ ଥାନା କୋଠା ତିଆରି ହୋଇଛି। ସେହିପରି ଲକ୍ଷ୍ମୀପୁରଠାରେ ମଧ୍ୟ ଅତିଥିମାନେ ଥାନା କୋଠା ଉଦ୍‌ଘାଟନ କରିବା ସହ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଅଶ୍ୱିନୀ ନାଏକ ଅତିଥି ପରିଚୟ, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମ୍ପାଦକ ଜଳନ୍ଧର ବାଘ ମଞ୍ଚ ପରିଚାଳନା କରିଥିଲେ। କାକିରିଗୁମ୍ମାରେ ଆଇଆଇସି ଧୀରେନ୍ ପଟ୍ଟନାୟକ ଓ ଲକ୍ଷ୍ମୀପୁରରେ ଆଇଆଇସି ଗୌରହରି ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧରେ ବିଏସ୍‌ଏଫ୍ କମାଣ୍ଡାଣ୍ଟ ପି.କେ. ମାନ୍ଧତା, ଏଏସ୍‌ପି ଅପରେଶନ ନିରଞ୍ଜନ ସାହୁ ସହଯୋଗ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୪ରେ କାକିରିଗୁମ୍ମା ଥାନାରୁ ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ଲୁଟ୍ କରି ନଥିପତ୍ର ପୋଡ଼ାଜଳା କରିଥିଲେ। ସେହିପରି ଲକ୍ଷ୍ମୀପୁର ଥାନାରେ ବୋମା ପକାଇ ଉଡ଼ାଇ ଦେଇଥିଲେ ମାଓବାଦୀ। ତେଣୁ କାକିରିଗୁମ୍ମା ଓ ଲକ୍ଷ୍ମୀପୁରରେ ୨ କୋଟି ଲେଖାଏଁ ଅଟକଳରେ ଥାନା କୋଠା ନିର୍ମାଣ କରାଯାଇଥିଲା।

## ଲୋକ ବିକାଶ ମଞ୍ଚର ଶୋଭାଯାତ୍ରା




ଲୋକବିକାଶ ମଞ୍ଚ ପକ୍ଷରୁ ସଚେତନତା ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରୁଛି ।

**ବୋରିଗୁମ୍ମା,୯।୧୧(ଡି.ଏନ୍.ଏ.)**

ବୋରିଗୁମ୍ମା ବ୍ଲକ କାଠରଗଡ଼ା ପଞ୍ଚାୟତ ସଦରରେ ଲୋକ ବିକାଶ ମଞ୍ଚ ଓ ମହିଳା ଲୋକ ବିକାଶ ମଞ୍ଚ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି। 'ଶିକ୍ଷା, ସ୍ୱାସ୍ଥ୍ୟ ଆମ ଅଧିକାର, ଜବାବ ଦିଅ ମୋ ସରକାର' ନାମରେ ଲୋକଙ୍କ ମଧରେ ଶିକ୍ଷା ଅଧିକାର ଆଇନ ସମ୍ପାଦନରେ ଥିବା ଅଭାବ ଅସୁବିଧା ଏବଂ ସ୍ୱାସ୍ଥ୍ୟସେବାରେ ବିଫଳତାକୁ ଦର୍ଶାଇବା ସହ ସମସ୍ୟାର ସମାଧାନ ପାଇଁ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ମଞ୍ଚ କହିଛି। ଏହି ପରିପ୍ରେକ୍ଷୀରେ ବାଇକ ଶୋଭାଯାତ୍ରା କାଠରଗଡ଼ାରୁ ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ନଭେମ୍ବର ୧୫ ତାରିଖ କୋରାପୁଟରେ ପହଞ୍ଚିବ ବୋଲି ମଞ୍ଚ ସଭାପତି ତଥା ଆବାହକ ରାମଚନ୍ଦ୍ର ଭତ୍ରା ପ୍ରକାଶ କରିଛନ୍ତି। କାଠରଗଡ଼ା ସରପଞ୍ଚ ଗସିଗାଁ ମୁଦୁଲି, ସଭ୍ୟ ଧନୁର୍ଜୟ ମୁଦୁଲି ଶୋଭାଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ମଞ୍ଚ ସମ୍ପାଦକ ସୁନାଧର ନାୟକ, ସଂଯୋଜକ ବାଳକୃଷ୍ଣ ପଟ୍ଟନାୟକଙ୍କ ସମେତ ୬୩ ଜଣ ଶୋଭାଯାତ୍ରାରେ ଭାଗ ନେଇଛନ୍ତି।

# ଜାକର୍ତ୍ତା ସୁନ୍ଦରୀ ପ୍ରତିଯୋଗିତାରେ ଭାଗନେବେ ସିମ୍ରନ୍

**ଦାମନଯୋଡ଼ି,୯।୧୧(ଡି.ଏନ୍.ଏ.)**

### ଆର୍ଥିକ ସହାୟତା ଦେଲା ରୋଟାରୀ କ୍ଲବ



ମଡେଲ ସିମ୍ରନ୍‌ଙ୍କୁ ଚେକ୍ ଆକାରରେ ଆର୍ଥିକ ସହାୟତା ଦିଆଯାଉଛି ।

ଦାମନଯୋଡ଼ି ରୋଟାରୀ କ୍ଲବ ପକ୍ଷରୁ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଫେଶନ ଫିଏଷ୍ଟ ପ୍ରତିଯୋଗିତାରେ ଭାଗ ନେଇଥିବା ସାନ୍ତ୍ୱନା ବି. ସିମରନଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇ ଦାମନଯୋଡ଼ିର ଏହି ମଡେଲ ସିମ୍ରନ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏହି ଫାଇନାଲ ରାଉଣ୍ଡ ଚଳିତ ମାସ ଇଣ୍ଡୋନେସିଆର ଜାକର୍ତ୍ତାରେ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ୩୦ ଜଣ ପ୍ରତିଯୋଗୀ ଭାଗ ନେବେ। ସିମରନଙ୍କ ପରିବାର ଦାମନଯୋଡ଼ିର ଭେଜାପୁଟରେ ରୁହନ୍ତି। ରୋଟାରୀ କ୍ଲବ ପକ୍ଷରୁ ଶୁକ୍ରବାର ନାଲ୍‌କୋ କ୍ଲବଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ସିମରନଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିଲା। ନାଲ୍‌କୋ ଇଡି ତଥା ଦାମନଯୋଡ଼ି ରୋଟାରୀ କ୍ଲବର ପୂର୍ବ ସଭାପତି ରୋଟାରିଆନ ରବିଶଙ୍କର ଦାସ ଏହି ସହାୟତା ରାଶି ପ୍ରଦାନ କରିଥିଲେ। ସିମରନ ଫାଇନାଲ ରାଉଣ୍ଡରେ କୋରାପୁଟ ତଥା ଓଡ଼ିଶାର ସଂସ୍କୃତି ଉପରେ ଗୁରୁତ୍ୱାରୋପ କରିବେ ବୋଲି କହିଛନ୍ତି। ଉତ୍ସବରେ ରୋଟାରିଆନ ତଥା ନାଲ୍‌କୋ ମହାପ୍ରବନ୍ଧକ ସୁଶୀଲ ପାଢ଼ୀ, ସିଏଚ୍ ପ୍ରମୋଦ ପାତ୍ର, ପୂର୍ବ ସଭାପତି ରୋଟାରିଆନ ମହେଶ୍ୱର ସାହୁ, ସି.ଏସ୍.ପି. ବର୍ମା, ସତ୍ୟକାମ ନାୟକ, ପଙ୍କଜ ଡି. ଚୌହ୍ୱାନ, ଅର୍ଜୁନ ବସୁ ଉପସ୍ଥିତ ଥିଲେ। ପୂର୍ବତନ ସଭାପତି ରୋଟାରିଆନ ଦେବାଶିଷ ଛୋଟରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ନଭେମ୍ବର ୧୦/୨୦୧୯ Rayagada, Sunday, November 10 / 2019




# ପ୍ରତିଭା ଦେଖାଇଲେ ୧୮୭ ଛାତ୍ରୀଛାତ୍ର

**କାଳିମେଳା,୯।୧୧(ଡି.ଏନ୍.ଏ.)**

କାଳିମେଳା ଆଶ୍ରମ ବିଦ୍ୟାଳୟରେ ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଚାଲିଥିବା ବ୍ଲକସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ ଶନିବାର ଉଦ୍ଯାପିତ ହୋଇଛି। ପ୍ରଧାନଶିକ୍ଷକ ରମାକାନ୍ତ ବେହେରା ଓ ଶିକ୍ଷକ ଉମାଚରଣ ପଟ୍ଟନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉଦ୍ଯାପନୀ ଦିବସରେ ବିଡିଓ ଉମାଶଙ୍କର ଦଳାଇ ମୁଖ୍ୟ ଅତିଥି ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଅବିଦ ହୁସେନ ଖାନ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଭଗବାନ ହନ୍ତାଳ, ପ୍ରଧାନ ଶିକ୍ଷକ ରମାକାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଭରତ ଗୁରୁ ସଭା ପରିଚାଳନା କରିଥିଲେ। ଆଦିବାସୀ ଅଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଏହା ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପ୍ରୟାସ ବୋଲି ଅତିଥିମାନେ କହିଥିଲେ। ଏଥିରେ ୨୩ ପଞ୍ଚାୟତରେ ଥିବା ୧୧ଟି ଆଶ୍ରମ ବିଦ୍ୟାଳୟ ସହ ଗମ୍ପାକୋଣ୍ଡା ଓ ଏମ୍‌ଭି–୭୯ ଉଚ୍ଚ ବିଦ୍ୟାଳୟରୁ ମୋଟ ୧୮୭ ଜଣ ଛାତ୍ରୀଛାତ୍ର ପ୍ରତିଯୋଗିତାରେ ସାମିଲ ହୋଇଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ଛାତ୍ରୀଛାତ୍ରଙ୍କୁ ନେଇ ଗଣିତ କୁଇଜ୍, ବିଜ୍ଞାନ କୁଇଜ୍, ସାଧାରଣ ଜ୍ଞାନ, ଚିତ୍ରାଙ୍କନ,ଏକକ ସଂଗୀତ, ଏକକ ନୃତ୍ୟ ଏବଂ ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନେ ୧୪ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ସାମିଲ ହେବେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ କ୍ଷୀରୋଦ କୁମାର ଦାସ ଧନ୍ୟବାଦ ଦେଇଥିଲେ। ରଶ୍ମିରେଖା ଦଳେଇ, ନିରୁପମା ପରିଡା, ପ୍ରଦୀପ କୁମାର ପ୍ରଧାନଙ୍କ ସମେତ ସମସ୍ତ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ସହାଯୋଗ କରିଥିଲେ।

## ସରିଲା ବ୍ଲକସ୍ତରୀୟ ସର୍ଗିଫୁଲ


ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ଧୁମ୍‌ଧାମରେ ଚାଲିଛି ମା'ଜଗଦ୍ଧାତ୍ରୀଙ୍କ ପୂଜା

**କୋରୁକୋଣ୍ଡା, ୯।୧୧ (ଡି.ଏନ୍.ଏ.)**

କୋରୁକୋଣ୍ଡା ବ୍ଲକ ଡୁଡାମେଟା ପଞ୍ଚାୟତ ଏମ୍‌ଭି–୨୩ ଗ୍ରାମରେ ମା' ଜଗଦ୍ଧାତ୍ରୀଙ୍କ ପୂଜା ପାଳିତ ହେଉଛି। ପୂଜା କମିଟି ସଭାପତି ମନୋରଞ୍ଜନ ଘରାମି, ଉପସଭାପତି ପ୍ରଦୀପ ଘରାମୀ, ସମ୍ପାଦକ ସମୀର ବାଛଡଙ୍କ ନେତୃତ୍ୱରେ ଏହି ପୂଜା କାର୍ଯ୍ୟ କରାଯାଉଛି। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଲୋକମାନଙ୍କ ମନୋରଞ୍ଜନ ନିମନ୍ତେ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି। ଭିଡ଼କୁ ନଜରରେ ରଖି ପୂଜା କମିଟି ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏମ୍‌ଭି୨୩ ଗ୍ରାମରେ ଦୀର୍ଘ ୯ ବର୍ଷ ଧରି ଏହି ପୂଜା କରାଯାଉଛି ବୋଲି ଉପଦେଷ୍ଟା ବିଜୟ ବୈରାଗୀ କହିଛନ୍ତି।


ମଣ୍ଡପରେ ମା'ଙ୍କ ପୂଜା ଚାଲିଛି।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍ଯାପିତ

**ମାଲକାନଗିରି, ୯।୧୧(ଡି.ଏନ୍.ଏ.)**

ମାଲକାନଗିରି ସଦରସ୍ଥିତ ଆଇ.ଏମ୍.ଏସ୍.ଟି. ଉଚ୍ଚ ବିଦ୍ୟାଳୟରେ ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍ଯାପିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାନସ ମାଡକାମୀ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଆଇ.ଏମ୍.ଏସ୍.ଟି, ନବରଙ୍ଗପୁର କ୍ଷେତ୍ର ପରିଦର୍ଶକ ପାଳକ ଜେଶୁଦାସ ମୁର୍ମୁ ଉପସ୍ଥିତ ଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଏହି ଶିକ୍ଷାନୁଷ୍ଠାନଟି ଉଚ୍ଚକୋଟୀର ଶିକ୍ଷାଦାନ, ପରିବେଶ ସୁରକ୍ଷା ଓ ଶୃଙ୍ଖଳା ପାଇଁ ଜିଲାରେ ନାଁ କମାଇଛି। ଏଥିପାଇଁ ଛାତ୍ରୀଛାତ୍ର, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିକୁ ମୁଖ୍ୟଅତିଥି ସାଧୁବାଦ ଜଣାଇଥିଲେ। ସୁନାଗରିକ ହେବାକୁ ଅତିଥି ପରାମର୍ଶ ଦେଇଥିଲେ। ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବାହ୍ନରେ ସେମାନେ ଖେଳପଡିଆରେ ରଙ୍ଗ ବେରଙ୍ଗର ପୋଷାକ ପିନ୍ଧି ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଆଇ.ଭି. ପ୍ରିମରୋଜ ସାମୁଏଲଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପୁଷ୍ପାମରୀ ଦେବୀ, ଶିବପ୍ରସାଦ କୀର୍ତ୍ତନିଆ, କ୍ରୀଡା ଶିକ୍ଷକ ସୋଲେମନ ହାଂସଦା, ଜଗଦୀଶ ଖରା ପରିଚାଳନା କରିଥିଲେ। ସୁଧା ସାମିନା, ସୁମିତ୍ରା ତପସ୍ୱିନୀ, ସନ୍ତୋଷିନୀ ହେଲେନ୍ ସହଯୋଗ କରିଥିଲେ।


ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଦେଢ଼ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

## ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

**କୋରୁକୋଣ୍ଡା,୯।୧୧(ଡି.ଏନ୍.ଏ)**

ମାଲକାନଗିରି ଜିଲା ଓର୍‌କେଲ ଥାନା ପୋଲିସ ଏକ ଗାଡିରୁ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କୁଡୁମୁଲୁଗୁମା ଗାଁର ଉମାଶଙ୍କର ପାଣ୍ଡେ(୨୧)। ଶୁକ୍ରବାର ସନ୍ଧ୍ୟାରେ ଓର୍‌କେଲ ଥାନା ସବ୍‌ଇନ୍ସପେକ୍ଟର କୃତ୍ତିବାସ ବେହେରା କିଛି କର୍ମଚାରୀଙ୍କ ସହ ମିଶି ଗାଡ଼ି ଯାଞ୍ଚ କରୁଥିଲେ। ଏହି ସମୟରେ ଏକ ଧଳାରଙ୍ଗର ମହିନ୍ଦ୍ରା ବୋଲେରୋ (ଓଡି–୧୦ଜି–୬୨୦୧)କୁ ମଙ୍ଗଳଯୋଡି ଛକରେ ଅଟକାଇଥିଲେ। ଗାଡ଼ିଟିକୁ ଯାଞ୍ଚ କଲାବେଳେ ସେଥିରୁ ୭୫.୨୦୦ କିଲୋଗ୍ରାମ୍ ଗଞ୍ଜେଇ ଜବତ କରିଛି, ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ୫୦ ହଜାର ଟଙ୍କା ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଉମାଶଙ୍କରଙ୍କୁ ଗିରଫ କରିଛି। ସେ ଗଞ୍ଜେଇ ନେଇ ପଶ୍ଚିମବଙ୍ଗ ଯାଉଥିବା ତଦନ୍ତକାରୀ ଅଧିକାରୀ ନୀଳାଦ୍ରି ବିଶ୍ୱାଳ ସୂଚନା ଦେଇଛନ୍ତି। ଓର୍‌କେଲ ଥାନାରେ କେସ୍ ନଂ. ୧୯୧/୧୯ରେ ମାମଲା ରୁଜୁ ହୋଇଛି। ଶନିବାର ଅଭିଯୁକ୍ତ ଉମାଶଙ୍କରଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଜଗଦୀଶ ବାରା ସୂଚନା ଦେଇଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ



### ବିଭିନ୍ନ ଆଇନ ନେଇ ଆଲୋଚନା

**ବିଷମକଟକ,୯।୧୧:** ରାୟଗଡା ଜିଲା ବିଷମକଟକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନସେବା କମିଟି ବିଷମକଟକ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାରପତି କୁମାର ସ୍ୱନ୍ଦନ ଅଧ୍ୟକ୍ଷତା କରିଥିଲେ । ଆଇନସେବା ଅଧିନିୟମରେ ରହିଥିବା ପ୍ରାବଧାନର ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା କରିବା ସହ ଏହାର ସୁବିଧା ସୁଯୋଗ ଏବଂ ସରକାରଙ୍କ ଆଇନ ସମ୍ପର୍କିତ ବିଭିନ୍ନ ଯୋଜନା ନେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନତା କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା । ଏଥିରେ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ, ଦିଲୀପ ମହାରଣା, ସନ୍ତୋଷ କୁମାର ପଣ୍ଡା, ଯୁକ୍ତ ତିନି ମହାବିଦ୍ୟାଳୟ ଅଧ୍ୟକ୍ଷ ଲ୍ୟୁଟନାଣ୍ଟ ବି.ରବିଶଙ୍କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ରୀୟ ଆଇନ ସେବା ଦିବସ ଉପରେ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମ ତାଲୁକ ଆଇନସେବା କମିଟି ସଦସ୍ୟ ବିପିନ୍ କିଶୋର ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜନ କରାଯାଇଥିଲା ।

### ଖଲ୍ଲିକୋଟ ଥାନା ଅଞ୍ଚଳରେ ୩ ଅପମୃତ୍ୟୁ

**ଖଲ୍ଲିକୋଟ,୯।୧୧(ଡି.ଏନ.ଏ.) :** ଖଲ୍ଲିକୋଟ ବ୍ଲକ ବିକ୍ରମପୁର ଗ୍ରାମରେ ଶନିବାର ବନ୍ଧରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଅଧିକାରୀ ପାହାନ (୬୨)। ବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ ଖସି ବୁଡିଯିବାରୁ ଅଧିକାରୀଙ୍କ ମୃତ୍ୟୁ ଘଟିଥିଲା। ଖଲିକୋଟ ପୋଲିସ ନଂ.୧୧/୧୯ରେ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ସେହିପରି କୈରାଶି ଗ୍ରାମର କମଳା ମଳିକ (୪୮)କୌଣସି କାରଣରୁ ବିଷ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଲ୍ଲିକୋଟ ମେଡିକାଲ ଅଣାଯାଇଥିଲା। ସେଠାରେ ଡ଼ାକ୍ତର କମଳାଙ୍କୁ ମୃତ ଘୋଷଣା କରିଥିଲେ। ସମ୍ପର୍କୀୟ ଲୋକେ ମୃତଦେହ ପୁରୀ ସ୍ୱର୍ଗଦ୍ୱାର ନେଉଥିବାବେଳେ ଖଲ୍ଲିକୋଟ ପୋଲିସ ଜବତ କରି ନଂ.୧୨/୨୦୧୯ରେ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଶାବୁଲିଆ ଗ୍ରାମର ସତ୍ୟଜିତ ପରିଡ଼ା ଭଉଣୀ ଘର ଖୋଜାପଲ୍ଲିରେ ରହୁଥିଲେ। ଘରେ କେହି ନଥିବାବେଳେ ସେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ନଂ.୧୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇ ତଦନ୍ତ ଜାରି ରଖିଛି।

### ଆଇନ ସେବା ଦିବସ ନେଇ ଶୋଭାଯାତ୍ରା



**ଗୁଣପୁର,୯।୧୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁରଠାରେ ଜାତୀୟ ଆଇନ ସେବା ଦିବସ ଶନିବାର ପାଳିତ ହୋଇଯାଇଛି । ତାଲୁକ ଆଇନ ସେବାସଂସ୍ଥା ପକ୍ଷରୁ ଏକ ଶୋଭାଯାତ୍ରା ପୁରୁଣା ବସଷ୍ଟାଣ୍ଡଠାରୁ ବାହାରି କୋର୍ଟଠାରେ ପହଞ୍ଚିଥିଲା । ସେଠାରେ ଜାତୀୟ ଆଇନ୍ ସେବା ଦିବସର ତାତ୍ପର୍ଯ୍ୟ ନେଇ ସୂଚନା ଦିଆଯାଇଥିଲା । ଏଡିଜେ ମନୋଜ ପ୍ରଧାନ, ସବଜଜ୍ ବିଭୁଦତ୍ତ ନାୟକ, ଜେଏମ୍ଏଫ୍‌ସି ଦିପଙ୍କର ବଳ, ଏସ୍‌ଡିପିଓ ରାଜକିଶୋର ଦାସ, ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଜାତା ଦାସ, ଗୁଣପୁର କଲେଜ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଓକିଲ ସଂଘ ସଭାପତି ଫଣୀଭୂଷଣ ପଟ୍ଟନାୟକ, ସମ୍ପାଦକ ବିଶ୍ୱନାଥ ସାହୁଙ୍କ ସମେତ ଆଇନଜୀବୀ, ଗୁଣପୁର କଲେଜ ଏବଂ ମହିଳା ମହାବିଦ୍ୟାଳୟ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସାମିଲ ହୋଇ ସଚେତନତାର ବାର୍ତ୍ତା ପହଞ୍ଚାଇ ଥିଲେ ।

# ଫଳକରେ ସୀମିତ ଗାଁର ବିକାଶ

**ଟିକିରି,୯।୧୧ (ଡି.ଏନ୍.ଏ.)**

**ଟିଟୁଗୁଡ଼ା ଗାଁ**
- ଦୀର୍ଘଦିନ ହେଲା ନଳକୂପ ଅଚଳ
- ଝରଣା ପାଣି ମେଣ୍ଟାଉଛି ଶୋଷ
- ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ




ଗାଁକୁ ଯିବା ଲାଗି ଭଲ ରାସ୍ତା ଖଣ୍ଡିଏ ନାହିଁ । ନଳକୂପ ଥିଲେ ମଧ୍ୟ ତାହା ପୁଣି ଅଚଳ । ପାଣି ଟୋପାଏ ଲାଗି ଗ୍ରାମବାସୀ ଡ଼ହଳବିକଳ ହେଉଛନ୍ତି । ଝରଣା ପାଣିରେ ଲୋକଙ୍କ ଶୋଷ ମେଣ୍ଟୁଛି । ଗାଁରେ ଲାଗି ଥିବା ଫଳକରେ ହିଁ ସୀମିତ ହୋଇ ରହିଛି ବିକାଶ । ବାରମ୍ବାର ଗୁହାରି କରି ଥକି ପଡ଼ିଲୁଣି । ତଥାପି କେହି ଆମ ଦୁଃଖ ଶୁଣୁନାହାନ୍ତି । ତେଣୁ ଯଦି ଆମ ସମସ୍ୟା ତୁରନ୍ତ ପୂରଣ କରା ନ ଯାଏ ତାହାହେଲେ ରାସ୍ତାକୁ ଓହ୍ଲାଇବୁ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏପରି ବିଭିନ୍ନ ସମସ୍ୟାରେ ରହିଛନ୍ତି ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିଟିଗୁଡ଼ା ଗ୍ରାମର ଲୋକେ ।

ଏହି ବ୍ଲକ ଦୁଡୁକାବାହାଲ ପଞ୍ଚାୟତରେ ରହିଛି ଟିଟିଗୁଡା ଗାଁ । ପଞ୍ଚାୟତ ସଦରଠାରୁ ପ୍ରାୟ ପାଞ୍ଚ କିଲୋମିଟର ଦୂରରେ ଅବସ୍ଥିତ ଏହି ଆଦିବାସୀ ବହୁଳ ଗାଁ । ଏଠାରେ ପ୍ରାୟ ୬୦ ପରିବାର ବସବାସ କରୁଛନ୍ତି । କିନ୍ତୁ ଗାଁ ଭିତରକୁ ଯିବା ଲାଗି ଭଲ ରାସ୍ତାଟିଏ ନାହିଁ। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ହେଲେ ବର୍ଷା ଦିନେ ସେମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି । ୨୦୧୫-୧୬ରେ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ରାସ୍ତାର କିଛି ଅଂଶକୁ କଂକ୍ରିଟ ଢଳେଇ କରାଯାଇଥିଲା । ବଳକା ରାସ୍ତା କରା ଯାଇ ନ ଥିଲା । ଏବେ ବି ଏହାର ଫଳକ ଏଠାରେ ରହିଛି। କେବଳ ଫଳକରେ ସୀମିତ ହୋଇ ରହିଛି ଗାଁର ବିକାଶ । ସେହିପରି ୨୦୧୭-୧୮ରେ ବି.ଜି.ୱାଇ ଯୋଜନାରେ ରାସ୍ତାର ଆଉ କିଛି ଅଂଶ କଂକ୍ରିଟ ଢ଼ଳେଇ କରାଗଲା । ଆଉ କିଛି ଅଂଶ କରା ନ ଯାଇ ଛାଡ଼ି ଦିଆଯାଇଛି । ଦୀର୍ଘଦିନ ହେଲା କାମ ସମ୍ପୂର୍ଣ୍ଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ଗାଁ ଭିତରକୁ ଯିବା ପାଇଁ ପ୍ରାୟ ତିନି ଶହ ମିଟର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ସେହିପରି ଫଟାଗଡ ପିଏମ୍‌ଜିଏମ୍‌ୱାଇ ରାସ୍ତା ପାଖରୁ ଟିଟିଗୁଡା ଗାଁ ଭିତରକୁ ଯିବା ପାଇଁ ରାସ୍ତା


ଗ୍ରାମକୁ ଯାଇଥିବା ରାସ୍ତା ।

ରହିଛି। ପ୍ରାୟ ଏକ କିଲୋମିଟର ଦୈର୍ଘ୍ୟ ରାସ୍ତାର କିଛି ଅଂଶରେ ମେଟାଲଗୁଡିକ ବାହାରକୁ ବାହାରି ରହିଛି। ଉକ୍ତ ରାସ୍ତା ଦେଇ ଯାଆସ କରିବା କଷ୍ଟକର ହୋଇପଡୁଛି । ସେହିପରି ଗାଁ ଲୋକେ ବିଶୁଦ୍ଧ ପାନୀୟ ଜଳ ଟିକିଏ ପାଉ ନାହାନ୍ତି । ଗ୍ରାମରେ ରହିଛି ଦୁଇଟି ନଳକୂପ । ସେଥିମଧ୍ୟରୁ ଗୋଟିଏ ଦୀର୍ଘ ଦିନ ହେଲା ଅଚଳ ହୋଇ ପଡ଼ିଛି । ଅନ୍ୟଟିରେ ଲୁହାଗୁଣ୍ଡ ବାହାରୁଛି । ଯାହା ବ୍ୟବହାର ଉପଯୋଗୀ ହୋଇପାରୁନାହିଁ । ତେଣୁ ଗ୍ରାମବାସୀ ବାଧ୍ୟହୋଇ ଝରଣା ପାଣି ଉପରେ ନିର୍ଭର କରୁଛନ୍ତି। ଗାଁ ମୁଣ୍ଡରେ ନିର୍ମାଣ କରାଯାଇଛି ଗୋଷ୍ଠୀ କେନ୍ଦ୍ର । ଆମ ଗାଁ ଆମ ବିକାଶ ଯୋଜନାରେ ଡିଆରଡିଏ ତରଫରୁ ତିନି ଲକ୍ଷ ଟଙ୍କା ବ୍ୟୟରେ ଏହା ନିର୍ମାଣ କରାଯାଇଛି। ଗତ ସାଧାରଣ ନିର୍ବାଚନ ବେଳେ ନିର୍ବାଚନ ପ୍ରଚାରରେ ଆସୁଥିବା ନେତାମାନେ ଗାଁର ରାସ୍ତା ତୁରନ୍ତ ମରାମତି କରାଯିବା ସହ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ନିର୍ବାଚନ ସରିବା ପରେ କାହାରି ଦେଖାନାହିଁ । ଆମେ ଯେଉଁ କଷ୍ଟରେ ଥିଲୁ,ଏବେ ବି ସେପରି କଷ୍ଟରେ ଦିନ କାଟୁଛି । ତୁରନ୍ତ ଆମର ସମସ୍ୟା ଦୂର କରାଯାଉ, ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି କହିଛନ୍ତି ଗ୍ରାମର ସୁରେନ୍ଦ୍ର ମାଝି, ନୀଳକଣ୍ଠ ମାଝି, ଗଦାଧର ମାଝି, ଭାଗୀରଥି ମାଝି ।

## ଜାତୀୟ ଆଇନ ସେବା ଦିବସ ପାଳିତ

**ରାୟଗଡ଼ା ଅଫିସ , ୯।୧୧**

ଜିଲା ଆଇନ ସେବା ପ୍ରାଧିକରଣ ରାୟଗଡ଼ା ଦ୍ୱାରା ଶନିବାର ଜିଲା ସିଭିଲ କୋର୍ଟ ପରିସରରେ ଥିବା କନଫରେନ୍ସ ହଲରେ ରାଷ୍ଟ୍ରୀୟ ଆଇନ ସେବା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏକ ସଚେତନତା ସଭା ଜିଲା ଦୈରା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୋମ ଶେଖର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏ ନେଇ ଏକ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏହାକୁ ଜିଲା ଦୌରା ଜଜ୍ ଉଦ୍‌ଘାଟନ କରିଥିଲେ । ଏଥିରେ ସ୍ଥାୟୀ ଲୋକ ଅଦାଲତ ଜଜ୍ ହିମାଂଶୁ ଶେଖର ବ୍ରହ୍ମା, ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ନ୍ୟାୟାଧିକାରୀ ଗ୍ରାମ ନ୍ୟାୟାଳୟର ବୈଶାଳୀ ନାୟକଙ୍କ ସମେତ ବହୁ ଆଇନଜୀବୀ ଅଂଶ ଗ୍ରହଣ କରିଥିଲେ। ସିଭିଲ କୋର୍ଟ ପରିସରରୁ ଏକ ର୍‍ୟାଲି ବାହାରି ସହର ପରିକ୍ରମା କରିଥିଲା । ଏହି କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣର ସଚିବ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

# ବ୍ଲକସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ


ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି ।

**ବିଷମକଟକ,୯।୧୧**

ରାୟଗଡା ଜିଲା ବିଷମକଟକ ବ୍ଲକ ଅନ୍ତର୍ଗତ ଗୋଡିଗୁଡା ଆଶ୍ରମ ବିଦ୍ୟାଳୟରେ ବ୍ଲକସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବିଜୟଶାନ୍ତି କୁମୁରିକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଲବର୍ଟ ଲାକଡା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତି, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ଶାସମଲ, ଡମ୍ବରୁଧର ଚୌଧୁରୀ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତାମୟୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବ୍ଲକର ୧୪ ବିଦ୍ୟାଳୟର ୧୫୦ ଛାତ୍ରୀଛାତ୍ର ବକ୍ତୃତା, ଚିତ୍ରାଙ୍କନ, କୁଇଜ୍, ସଙ୍ଗୀତ, ତର୍କ, ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସିଙ୍ଗାପୁର ରୋଡ-ଟିଟିଲାଗଡ଼ ରେଳଲାଇନ କାମ
# ୪ ଟ୍ରେନ୍ ବାତିଲ

**ରାୟଗଡ଼ା ଅଫିସ, ୯।୧୧**

ସ୍ଥାନୀୟ ସିଙ୍ଗାପୁର ରୋଡ଼ରୁ ଟିଟଲାଗଡ଼ ପର୍ଯ୍ୟନ୍ତ ରେଳ ଲାଇନରେ କାମ ଚାଲିଥିବାରୁ ସମ୍ବଲପୁର ଡ଼ିଭିଜନରେ ଆସୁଥିବା ୪ଟି ଟ୍ରେନ୍‌କୁ ବାତିଲ କରି ଦିଆଯାଇଛି । ସେଗୁଡ଼ିକ ହେଲା ଆସନ୍ତା ୧୨ ତାରିଖରେ କୋରାପୁଟ-ସମ୍ବଲପୁର ପାସେଞ୍ଜର ଏବଂ ବିଶାଖାପାଟଣା-ଦୁର୍ଗ ପାସେଞ୍ଜର କୁ ବାତିଲ କରାଯାଇଛି । ସେହିପରି ଆସନ୍ତା ୧୩ ତାରିଖରେ ସମ୍ବଲପୁର -କୋରାପୁଟ ପାସେଞ୍ଜର ଏବଂ ଦୁର୍ଗ-ବିଶାଖାପାଟଣା ପାସେଞ୍ଜରକୁ ବାତିଲ କରାଯାଇଛି । ରେଳ ବିଭାଗର ଡ଼ିଭିଜନାଲ କର୍ମସିଆଲ ମ୍ୟାନେଜର ଜି.ସୁନୀଲ କୁମାର ଏହି ସୂଚନା ଦେଇଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

**ଗୁଣପୁର,୯।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଚାଲୁ ରହିଥିବା ବାର୍ଷିକ କ୍ରୀଡା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସର୍ବେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତି ଉପସଭାପତି ବି.ଲକ୍ଷ୍ମୀ ନାରାୟଣ , ସମ୍ପାଦକ ଜଗନ୍ନାଥ ପଟ୍ଟନାୟକ, ସଦସ୍ୟା ଅମ୍ବିକାରାଣୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ ଶତପଥୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଶାରୀରିକ ପ୍ରଦର୍ଶନ ସ୍ୱରୂପ ଯୋଗାସନ, ପିରାମିଡ ଓ ଅଗ୍ନିବଳୟ କରାଯାଇଥିଲା । ସେହିପରି ଅଭିଭାବକମାନଙ୍କ ମଧ୍ୟରେ ୧୦୦ ମିଟର ଦୌଡ ପ୍ରତିଯୋଗିତା ହୋଇଥିଲା । ଯେଉଁଥିରେ ଶିବ ଶଙ୍କର ଶବର ପ୍ରଥମ ହୋଇଥିବାବେଳେ କେ.ଶଙ୍କର ୨ୟ ଏବଂ ରହିଦାସ ଶବର ୩ୟ ହୋଇଥିଲେ । ଅଭିଭାବକଙ୍କ ମଧ୍ୟରେ ଆୟୋଜିତ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତାରେ ରଶ୍ମିତା ଦାସ ୧ମ ହୋଇଥିବାବେଳେ ଭାନୁପ୍ରିୟା ମହାନ୍ତି ୨ୟ ଏବଂ ଜୟନ୍ତି ଭୂୟାଁ ୩ୟ ହୋଇଥିଲେ । ପିଲାଙ୍କ ମଧ୍ୟରେ ଅନୁଷ୍ଠିତ କ୍ରୀଡାର କନିଷ୍ଠ ବର୍ଗରେ ସର୍ବଶ୍ରେଷ୍ଠ ଖେଳାଳି ଭାବେ ଯୋଗେନ୍ଦ୍ର ଶବର, ଶିବାନୀ ମିଶ୍ର , ବରିଷ୍ଠ ଦଳରେ ତୁଳସୀ କୁମାର ଦାସ ଓ ଶ୍ରୀୟାଶ୍ରୀ ରାଜଗୁରୁ ଏବଂ ସର୍ବ ବରିଷ୍ଠ ଦଳରେ ବାପି ବଳିଆରସିଂ ପୁରସ୍କୃତ ହୋଇଥିଲେ ।

# ଇତିହାସ ବିଭାଗର ପାଠଚକ୍ର

**ଗୁଣପୁର,୯।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଇତିହାସ ବିଭାଗର ପାଠଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ପାଠଚକ୍ର ଦ୍ୱାରା ପିଲାଙ୍କ ଜ୍ଞାନର ବିକାଶ ହୋଇଥାଏ ବୋଲି କହିଥିଲେ । ବିଭାଗୀୟ ମୁଖ୍ୟ ଡ.ଜବାହରଲାଲ ଚୌଧୁରୀ ଯୋଗଦେଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ.ସୂର୍ଯ୍ୟ ନାରାୟଣ ପଣ୍ଡା, ଅର୍ଥନୀତି ବିଭାଗର ସୁସ୍ମିତା ରଥ ଯୋଗ ଦେଇଥିଲେ। ଇତିହାସ ବିଭାଗ ଅଧ୍ୟାପକ ଡ.ଅଜୟ ରୟତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଶା ବାଉରୀ ଓ ଜି.ବିବେକ ସନ୍ଦର୍ଭ ପାଠ କରିଥିଲେ । ୨ୟ ଏବଂ ୩ୟ ବର୍ଷ ସମ୍ମାନର ଛାତ୍ରୀଛାତ୍ର ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ସଫେଇ କାର୍ଯ୍ୟକ୍ରମ



**ଗୁଣପୁର,୯।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଭାରତୀ ଏଜୁକେସନାଲ ଟ୍ରଷ୍ଟର ଡିଡିୟୁ-ଜିକେୱାଇ ସ୍କିଲ ଡେଭଲପମେଣ୍ଟ କେନ୍ଦ୍ରର ପରିଚାଳକ ବଦ୍ରି ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା । ଅନନ୍ତ ନାରାୟଣ ମିଶ୍ର, ଭୀମକୁମାର ଜେନା, ଏମ.ପ୍ରଦୀପ କୁମାର, ରାଜେଶ୍ୱରୀ ପାତ୍ର, ଶ୍ରୀକାନ୍ତ ଶବର ପ୍ରମୁଖ ଯୋଗ ଦେଇଥିଲେ । ସ୍ୱେଚ୍ଛାସେବୀମାନେ ଯୋଗଦେଇ ମନ୍ଦିର ପରିସରକୁ ସଫେଇ କରିଥିଲେ ।

## କୋରାପୁଟ ଏମ୍‌ପିଙ୍କ ବିଷମକଟକ ଗସ୍ତ
# ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଲେ

**ବିଷମକଟକ,୯।୧୧**


ଏମ୍‌ପି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ବିଷମକଟକ ଗସ୍ତ କରିଛନ୍ତି । ହର୍ଷଟ୍ରଷ୍ଟ ଦ୍ୱାରା କାର୍ଯ୍ୟକାରି ହୋଇଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗୁଡିକ ବୁଲି ଦେଖିଛନ୍ତି । ସେ ମୃତ୍ତିକା ପରୀକ୍ଷା କେନ୍ଦ୍ର, ସୌର ଚାଳିତ ଶୀତଳ ଭଣ୍ଡାର, ଡୁକୁମ୍ ନୂଆସାହି ଗ୍ରାମରେ ହୋଇଥିବା କଦଳୀ ଓ ପରିବା ଚାଷ ବୁଲି ଦେଖିଥିଲେ। ସେହିପରି ତାଡିଙ୍ଗିପାଇ ଗ୍ରାମରେ ନାବାର୍ଡ ସହାୟତାରେ ହୋଇଥିବା ଆମ୍ବ ଏବଂ କାଜୁ ବଗିଚା, ଏବିଏପି,ଏପିସି. ପ୍ରକଳ୍ପ ଅନ୍ତର୍ଗତ ପନିପରିବା ଓ ଫୁଲ ଚାଷ, ସୌରଚାଳିତ ମାଣ୍ଡିଆଚୂନା ମିଲ୍ ଏବଂ ହିରସୋଡା ଗ୍ରାମର ଜମିହୀନ ମାନଙ୍କ ଦ୍ୱାରା ବ୍ରଏଲର କୁକୁଡା ପାଳନ କେନ୍ଦ୍ରଗୁଡିକ ବୁଲି ଦେଖିବା ସହ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ହର୍ଷଟ୍ରଷ୍ଟ ପ୍ରକଳ୍ପ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ୪୦ରୁ ଉର୍ଦ୍ଧ୍ୱ କର୍ମୀଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ଓ ଚାଲୁଥିବା ଜୀବନ ଜୀବିକା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ହର୍ଷଟ୍ରଷ୍ଟ ଦ୍ୱାରା ପ୍ରସ୍ତୁତ ଚାଷୀମାନଙ୍କ ସଫଳ କାହାଣୀ ପୁସ୍ତିକାକୁ ଉନ୍ମୋଚନ କରାଯାଇଥିଲା । ବୈଠକରେ ହର୍ଷଟ୍ରଷ୍ଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ.କଲ୍ଲୁଲ୍ ବୋରା, ପୂର୍ବତନ ନିର୍ଦ୍ଦେଶକ ଗୌତମ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଂଯୋଜକ ଓ ଟିମ୍ ଲିଡର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମଟିକୁ ସଂଯୋଜକ ଶରତ କୁମାର ସାହୁ ପରିଚାଳନା କରିଥିବା ବେଳେ ବୁଧନାଥ ପଣ୍ଡା ସହଯୋଗ କରିଥିଲେ ।

**ଓସିଏଲ୍ ଇଣ୍ଡିଆ ଲିମିଟେଡ**
ବିଶ୍ୱାଳୀ, ଟାଙ୍ଗୀ, କଟକ - ୭୫୪୦୮୨ (ଓଡ଼ିଶା)
**ପବ୍ଲିକ ନୋଟିସ୍**
ସର୍ବସାଧାରଣଙ୍କ ଗୋଚରାର୍ଥେ ଏହା ଜଣାଇ ଦିଆଯାଉଅଛି ଯେ, ଓଡ଼ିଶାର କଟକ ଜିଲାର ଟାଙ୍ଗି-ଚୌଦ୍ୱାର ତହସିଲ ଅନ୍ତର୍ଗତ କପିଳାସ ସିମେଣ୍ଟ ମାନୁଫାକଚରିଙ୍ଗ ୱାର୍କସ (ଡାଲମିଆ ଭାରତ ଗ୍ରୁପ ଅନ୍ତର୍ଗତ ଓସିଏଲ୍ ଇଣ୍ଡିଆ ଲିମିଟେଡ଼ର ଅଂଶବିଶେଷ)ର ସମ୍ପ୍ରସାରଣ ହେତୁ ସିମେଣ୍ଟ ବାର୍ଷିକ ଉତ୍ପାଦନ କ୍ଷମତାକୁ ୧.୭୦ ମିଲିୟନ ଟନରୁ ୪.୨୦ ମିଲିୟନ ଟନକୁ ବୃଦ୍ଧି କରାଯିବା ପାଇଁ ଭାରତ ସରକାରଙ୍କ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ପକ୍ଷରୁ ଚିଠି କ୍ରମିକ ସଂଖ୍ୟା ୭୪୮୨/ଏସ୍.ଇ.ଆଇ.ଏ.ଏ. ତା୦୬।୧୧।୨୦୧୯ରିଖ ଦ୍ୱାରା ପରିବେଶ ସମ୍ବନ୍ଧୀୟ ଅନୁମତି ପ୍ରଦାନ କରାଯାଇଅଛି । ଉକ୍ତ ଅନୁମତି ସମ୍ବଳିତ ଚିଠିର ନକଲ ମାନ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଭୁବନେଶ୍ୱର ନିକଟରେ ଉପଲବ୍ଧ। ଏତଦ୍‌ବ୍ୟତୀତ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରାଳୟ ୱେବ୍‌ସାଇଟ **http://envfor.nic.in** ଠିକଣାରେ ମଧ ଏହା ଉପଲବ୍ଧ।
ମନୋରଞ୍ଜନ ସାହୁ
ଉପକାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**SAMBALPUR UNIVERSITY**
Jyoti Vihar-768019, Dist.: Sambalpur (Odisha)
www.suniv.ac.in

No. 7185/Synd. Dt.: 08.11.2019

**30th CONVOCATION - 29.11.2019**

The 30th Convocation of Sambalpur University, Jyoti Vihar, Burla is scheduled to be held on **29.11.2019** at 10.00 am in Biju Patnaik Auditorium of the University as per the Gazette Notification No. 2007 dt.25.10.2019.

The Doctorate Degrees for the year 2019 examinations will be conferred and Gold Medals/ Prizes of 2019 examinations will be distributed on this occasion. Degree/Diplomas for the examinations 2019 will also be conferred and distributed to the successful regular candidates including those of Autonomous 'colleges through Principals of their respective Colleges and Heads of the University P.G. Deptts and to the Non-Collegiate candidates through the Registrar of the University as per prescribed procedures. The Hon'ble Chancellor will preside over the Convocation.

The details relating to applications and prescribed fees for receiving Ph.D/D.Litt/D.Sc/LL.D Degrees and Gold Medals is available in the University website- **www.suniv.ac.in**

Sd/- Registrar

ଧରିତ୍ରୀ DHARITRI
ରାୟଗଡ଼ା, ରବିବାର, ୧୦ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ଅଧାପନ୍ତରିଆ ପଡ଼ିଛି ଡ୍ରେନ୍ କାମ



ପାରଳାଖେମୁଣ୍ଡି,୯।୧୧ (ସ୍ୱ.ପ୍ର): ପାରଳାଖେମୁଣ୍ଡିସ୍ଥିତ ଆଇଟିଡିଏ କାର୍ଯ୍ୟାଳୟ ନିକଟରେ ଏକ ଡ୍ରେନ୍ କାମ ଅଧାପନ୍ତରିଆ ପଡ଼ିରହିଛି। ସୂଚନା ଯୋଗ୍ୟ, ଏହି ରାସ୍ତା ଉକ୍ତ କାର୍ଯ୍ୟାଳୟ ସମେତ ଜିଲାପାଳଙ୍କ କାର୍ଯ୍ୟାଳୟ, ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ସଂଯୋଗ କରୁଛି । ପ୍ରତିଦିନ ସହର ସମେତ ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ଲୋକେ ସରକାରୀ କାମରେ ଏବଂ ଅନ୍ୟ କାମରେ ଏହି ରାସ୍ତାରେ ଯାତାୟାତ କରିଥାନ୍ତି। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଗୋଟିଏ ପାର୍ଶ୍ୱରେ ନାଳ ଖୋଳା କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ରହିବା ଯୋଗୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏହି ରାସ୍ତାଦେଇ ଯାନବାହନ ଯାତାୟାତରେ ମଧ ସମସ୍ୟା ସୃଷ୍ଟି ହେଉଛି। ତେଣୁ ନାଳ କାମ ଯଥାଶୀଘ୍ର ସାରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

### ଆଶ୍ରମରେ ଖାଦ୍ୟ, ଶୀତବସ୍ତ୍ର ବଣ୍ଟନ

ପାରଳାଖେମୁଣ୍ଡି,୯।୧୧ (ସ୍ୱ.ପ୍ର): ପାରଳାଖେମୁଣ୍ଡିସ୍ଥିତ ନବଜୀବନ ଟ୍ରଷ୍ଟ(ଆଶ୍ରମ)ରେ ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ତଥା ଭୁବନେଶ୍ୱରସ୍ଥିତ ନାଳନ୍ଦା ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ମାରୁତ ପାଳ ପୁତ୍ର ଓ ଆଶ୍ରମର ଶିକ୍ଷୟିତ୍ରୀଙ୍କ ଜନ୍ମଦିବସ ପାଳନ କରିଛନ୍ତି। ଆଶ୍ରମରେ ରହୁଥିବା ଅସହାୟ ଶିଶୁ ଓ ବୃଦ୍ଧାବୃଦ୍ଧଙ୍କ ସହ ଖୁସି ବାଣ୍ଟିବା ସହ ଜନ୍ମଦିନରେ ସେମାନଙ୍କୁ ଖାଦ୍ୟ ଓ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ପାଇଁ ଆଶ୍ରମର ଅନ୍ତେବାସୀମାନେ ମଧ ଖୁସି ବ୍ୟକ୍ତ କରିଥିଲେ। ଜନ୍ମଦିବସଟିକୁ ଯାକଜମକରେ ପାଳନ ନ କରି ଆଶ୍ରମରେ ପାଳନ କରି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏହି କାର୍ଯ୍ୟକ୍ରମରେ ନବଜୀବନ ଟ୍ରଷ୍ଟ ପାରଳାଖେମୁଣ୍ଡି ଶାଖା ପରିଚାଳକ ଏସ୍.ଭି. ରାମଣା ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ କେ. ସୁରିୟା ରାଓ, ନଗର ବିଜେଡି ସଭାପତି ସୂର୍ଯ୍ୟନାରାୟଣ ରାଜଗୁରୁ, ସଞ୍ଜୁକ୍ତା ବେହେରା, ସୁଦ୍ଧି ରଞ୍ଜନ ମହାପାତ୍ର ଉପସ୍ଥିତ ଥିଲେ ।

### ଦୋକାନରେ ଅଗ୍ନିକାଣ୍ଡ ୪୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ ନଷ୍ଟ



ପାରଳାଖେମୁଣ୍ଡି,୯।୧୧ (ସ୍ୱ.ପ୍ର): ଗଜପତି ଜିଲା ନୂଆଗଡ଼ ବ୍ଲକ୍ ଅଧୀନ ନୂଆଗଡ଼ ଗ୍ରାମ ବଜାରରେ ଥିବା ଶନିବାର ଏକ ସ୍ପେୟାର ପାର୍ଟ୍‌ସ ଦୋକାନରେ ଅଗ୍ନିକାଣ୍ଡ ଘଟି ବହୁ ଜିନିଷ ନଷ୍ଟ ହୋଇଛି। ଘଟଣାରୁ ପ୍ରକାଶ ଯେ, ସ୍ଥାନୀୟ ଓଡ଼ିଆ ସାହିସ୍ଥିତ ଶିବ ଗୌଡ଼ ଏକ ଗାଡ଼ି ସରଞ୍ଜାମ(ସ୍ପେୟାର ପାର୍ଟ୍‌ସ) ଦୋକାନ କରିଛନ୍ତି। ସକାଳେ ଦୋକାନ ଖୋଲିଥିବାବେଳେ ମଧ୍ୟାହ୍ନରେ ଦୋକାନ ବନ୍ଦ କରି ଘରକୁ ଖାଇବାକୁ ଯାଇଥିଲେ। ଏହାପରେ ଦୋକାନ ମଧରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ଶିବକୁ ଖବର ଦେଇଥିଲେ। ସେ ଦୋକାନ ଖୋଲି ଦେଖିବା ସମୟରେ ଦୋକାନରେ ନିଆଁ ଲାଗିଥିବା ଏବଂ ଜିନିଷ ଗୁଡ଼ିକ ପୋଡୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପାଣି ଢ଼ାଳି ନିଆଁକୁ ଆୟତ୍ତ କରାଯାଇଥିଲେ ମଧ ବହୁ ଜିନିଷ ପୋଡ଼ି ନଷ୍ଟ ହୋଇଥିବା ଶିବ କହିଛନ୍ତି। ତାଙ୍କ କହିବାନୁଯାୟୀ, ଦୋକାନରେ ଲକ୍ଷାଧିକ ଟଙ୍କାର ଗାଡ଼ି ମୋଟର ସରଞ୍ଜାମ ରହିଥିଲା। ସେଥିରୁ ପ୍ରାୟ ୪୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଜିନିଷ ପୋଡ଼ିଯାଇଥିବା ପ୍ରକାଶ କରିଛନ୍ତି। ତେବେ ଦୋକାନରେ ଦିଆଇଥିବା ଧୂପ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ।

■ ଓଡ଼ିଶା ବାଲି ଆନ୍ଧ୍ରରେ ସୁନା

# ବାଲି ଚାଲାଣ ରୋକିବାରେ ପ୍ରଶାସନ ବିଫଳ

ଗୋଷାଣୀ,୯।୧୧(ଡି.ଏନ୍.ଏ.)

ଓଡ଼ିଶା ବାଲି ଆନ୍ଧ୍ରରେ ସୁନା। ତେଣୁ ପ୍ରତିଦିନ ମହେନ୍ଦ୍ରତନୟା ନଦୀ ପଠାରୁ ଲକ୍ଷାଧିକ ଟଙ୍କାର ବାଲି ଆନ୍ଧ୍ରକୁ ଚାଲାଣ କରାଯାଉଛି। ବାଲି ମାଫିଆମାନେ ଏଥିରେ ମାଲାମାଲ୍ ହେଉଥିବାବେଳେ ସରକାରଙ୍କ ବିପୁଳ ରାଜସ୍ୱ ହାନି ଘଟୁଛି। ହେଲେ ଏହାକୁ ରୋକିବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ। ଉଭୟ ରାଜସ୍ୱ ବିଭାଗ ଏବଂ ପୋଲିସ ଚୁପ୍ ରହିଥିବା ଯୋଗୁ ବେଧଡ଼କ ବାଲି ଚାଲାଣ କରାଯାଉଛି।

ମହେନ୍ଦ୍ରତନୟା ନଦୀର ବୋମିକା ଏବଂ ସାଇଲଡ଼ା ଘାଟରୁ ପ୍ରତ୍ୟେକ ଦିନ ବାଲି ଉଠାଯାଉଥିବାବେଳେ ମାଛମରା, ଗୁରାଣ୍ଡି, ଗାରାବନ୍ଧ ଦେଇ ଲାବଣ୍ୟଗଡ଼ରେ ବାଲି ପହଞ୍ଚୁଛି। ସେଠାରୁ ଗାଡ଼ି ଯୋଗେ ବାଲି ଆନ୍ଧ୍ରକୁ ଚାଲାଣ କରାଯାଉଛି। ପ୍ରତ୍ୟେକ ଦିନ ପ୍ରାୟ ୭୦ ଟ୍ରାକ୍ଟର ବାଲି ଆନ୍ଧ୍ରକୁ ଚାଲାଣ ହେଉଥିବାବେଳେ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଆସୁଛି। ହେଲେ କେବେ ମନେପଡ଼ିଲେ ପ୍ରଶାସନ ପକ୍ଷରୁ କେତେକ ଗାଡ଼ି ଅଟକାଇ ଜରିମାନା ଆଦାୟ କରି ଛାଡ଼ିଦିଆଯାଉଛି। ମାତ୍ର ଓଡ଼ିଶା ସୀମାରେ ପ୍ରବେଶ କରୁଥିବା ଆନ୍ଧ୍ର ଗାଡ଼ିର କାଗଜପତ୍ର ଠିକ୍ ରହିଛି କି ନାହିଁ ତାହାର ଯାଞ୍ଚ ହେଉନାହିଁ। ଫଳରେ ମାଫିଆମାନଙ୍କ ସାହସ ବଢ଼ିବାରେ ଲାଗିଛି। ଏ ସମ୍ପର୍କରେ ତହସିଲଦାର ଅଚ୍ୟୁତାନନ୍ଦ ଜାନୀଙ୍କ ପ୍ରତିକ୍ରିୟା ନିଆଯାଇଥିବାବେଳେ ଏହାର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



■ବିପୁଳ ରାଜସ୍ୱ ହାନି
■ବାଲି ମାଫିଆ ମାଲାମାଲ୍

## ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ



ଛାତ୍ରୀମାନେ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଶିଖୁଛନ୍ତି।

କାଶୀନଗର,୯।୧୧(ଡି.ଏନ୍.ଏ.)

କାଶୀନଗର ଯୁକ୍ତ ୩ ଡିଗ୍ରୀ କଲେଜରେ ଶନିବାର ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଛାତ୍ରୀମାନେ ରାସ୍ତାରେ ଯିବା ଆସିବା ସମୟରେ ଯେପରି ଅସାମାଜିକ ଯୁବକଙ୍କ ମୁକାବିଲା କରିବା ସହ ନିଜକୁକ ସୁରକ୍ଷା କରିପାରିବେ ସେଥିପାଇଁ ଗଜପତି ଏସ୍‌ପିଙ୍କ ନିର୍ଦ୍ଦେଶରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ତାଲିମଦାତାଭାବେ ସତ୍ୟବ୍ରତ ସାହୁ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ। ଏହି କାର୍ଯ୍ୟକ୍ରମରେ କାଶୀନଗର ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ଏସ୍‌ଆଇ ମମତା କୁମାରୀ ପଣ୍ଡା, କଲେଜ ଅଧକ୍ଷ ଡ. ପ୍ରଶାନ୍ତ କୁମାର ବାନାପାଲି ଉପସ୍ଥିତ ଥିଲେ। ସେହିପରି କନିଷ୍ଠ ମହାବିଦ୍ୟାଳୟରେ ଅଧକ୍ଷ ନବକୃଷ୍ଣ ସାହୁକାରଙ୍କ ଉପସ୍ଥିତିରେ ବହୁ ଛାତ୍ରୀ ସୁରକ୍ଷା କୌଶଳ ଶିଖିଥିଲେ। ବାରାଣସୀ ଉଚ୍ଚ ବିଦ୍ୟାଳୟରେ ମଧ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ଉପସ୍ଥିତିରେ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷା ତାଲମ ଦିଆଯାଇଥିଲା ।

## ରାଜନୀତି ବିଜ୍ଞାନ ବିଭାଗ କର୍ମଶାଳା

ଜୟପୁର,୯।୧୧(ନି.ପ୍ର.)

ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଶୁକ୍ରବାର ଅଧକ୍ଷା ରଚନା ଆଚାର୍ଯ୍ୟଙ୍କ ଅଧକ୍ଷତାରେ 'ଗ୍ରାମୀଣ ବିକାଶରେ ବିକେନ୍ଦ୍ରୀକରଣ ଏବଂ ସଶକ୍ତୀକରଣ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରଫେସର କିଶୋର ଚନ୍ଦ୍ର ବେହେରା, ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ପି. ସାନ୍ତାକୁମାରୀ ଓ ଅବସରପ୍ରାପ୍ତ ପ୍ରଫେସର ଡ. ବିଜୟ ମିଶ୍ର ଯୋଗ ଦେଇଥିଲେ। ଭାରତର ଗ୍ରାମାଞ୍ଚଳରେ ରହିଥିବା ପଞ୍ଚାୟତ ବ୍ୟବସ୍ଥା ଗଣତନ୍ତ୍ରର ଆତ୍ମା ସଦୃଶ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନା ପହଞ୍ଚିବାରେ ସହଯୋଗ କରୁଛି। ଏହାର ବିକେନ୍ଦ୍ରୀକରଣ କରାଯିବା ଫଳରେ ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି ପାଇଛି। ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଜନ ହିଁ ସବୁ କିଛି ବୋଲି ଉପସ୍ଥିତ ଥିବା ଅତିଥିମାନେ କହିଥିଲେ।

## ଗଞ୍ଜେଇ ଜବତ: ଜଣେ ଗିରଫ

କୁନ୍ଦୁରା,୯।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଗଞ୍ଜେଇ ଚାଲାଣକୁ ଧରିଛି ପୋଲିସ। ଗତ ୮ ତାରିଖରେ ଜୟପୁର ବ୍ଲକ ଆମ୍ବାଗୁଡ଼ା ଅଞ୍ଚଳର ଜଣେ ଯୁବକ କୁନ୍ଦୁରା ଅଞ୍ଚଳରେ ବଜାଜ ପଲସର (ଓଡି୧୦ ଇ ୫୯୪୧)ରେ ୧୦ କେଜି ୨୦୦ ଗ୍ରାମ ଗଞ୍ଜେଇ ଚାଲାଣ କରୁଥିବା ବେଳେ ପାଟ୍ରୋଲିଂ ଟିମ୍ ତାଙ୍କୁ ଧରିଥିଲା।

## କୋରାପୁଟର ୨ ଅଧିକାରୀ ସମ୍ମାନିତ

କୋରାପୁଟ,୯।୧୧(ସ୍ୱ.ପ୍ର.)

କୃଷି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶୁକ୍ରବାର ରାଜ୍ୟ କୃଷି ମନ୍ତ୍ରୀଙ୍କ ଦ୍ୱାରା କୋରାପୁଟ ଜିଲାର ଦୁଇ କୃଷି ଅଧିକାରୀ ସମ୍ମାନିତ ହୋଇଛନ୍ତି। ଶୁକ୍ରବାର ରାତିରେ ଭୁବନେଶ୍ୱରସ୍ଥିତ କୃଷି ଭବନରେ ବିଭାଗୀୟ କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ଡ. ଅରୁଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଜିଲା ଜଳ ବିଭାଜିକା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ବିଭାଗୀୟ ପ୍ରକଳ୍ପ ନିର୍ଦ୍ଦେଶକ ଭବାନି ଶଙ୍କର କାଲୋଙ୍କୁ ସମ୍ମାନିତ କରିଥିଲେ ମନ୍ତ୍ରୀ। ସେହିପରି ଉଦ୍ୟାନ କୃଷି ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜିଲା ଉଦ୍ୟାନ ବିଭାଗର ଅଧିକାରୀ ପ୍ରମୋଦ ସେଠୀଙ୍କୁ ମଧ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧରେ ରାଜ୍ୟ କୃଷି ବିଭାଗ ପ୍ରମୁଖ ସଚିବ ଡ. ସୌରଭ ଗର୍ଗ ଉପସ୍ଥିତ ଥିଲେ ।

## ଜାତୀୟ ଆଇନ ସେବା ଦିବସ ପାଳିତ



କାର୍ଯ୍ୟକ୍ରମରେ ସିଭିଲ୍ ସବ୍‌ଜଜ୍ (ସିନିୟର୍ ଡିଭିଜନ୍), ଡିଏଲ୍ଏସ୍ଏ ସମ୍ପାଦିକା ଓ ଅନ୍ୟମାନେ।

ପାରଳାଖେମୁଣ୍ଡି,୯।୧୧ (ସ୍ୱ.ପ୍ର)

ପାରଳାଖେମୁଣ୍ଡି ଉପକଣ୍ଠ ପଦ୍ମପୁରସ୍ଥିତ ବିନୋଦିନୀ ବିଜ୍ଞାନ ମହାବିଦ୍ୟାଳୟ ପରିସରରେ ଏନ୍ଏସ୍ଏସ୍ ପକ୍ଷରୁ ଶନିବାର ଜାତୀୟ ଆଇନ ସେବା ଦିବସ ପାଳିତ ହୋଇଛି । ମୁଖ୍ୟ ଅତିଥିଭାବେ ସିଭିଲ୍ ସବ୍‌ଜଜ୍ (ସିନିଅର୍ ଡିଭିଜନ୍) ବ୍ୟୋମକେଶ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଡିଏଲ୍ଏସ୍ଏର ସମ୍ପାଦିକା ଦୀପା ଦାସ ଯୋଗ ଦେଇ ଜାତୀୟ ଆଇନ ସେବା ଦିବସ ଉପଲକ୍ଷେ ଆଇନ ସେବାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ସଚେତନ କରାଇଥିଲେ। ଆଇନ ସେବାର ବିଭିନ୍ନ ଦିଗ ଉପରେ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ଏଠାରେ କୁହାଯାଇଥିଲା। ଅନ୍ୟତମ ଅତିଥିଭାବେ ଜେଏମ୍ଏଫ୍‌ସି ବନିଲ୍ କୁମାର ଖଟେଇ ଯୋଗଦେଇଥିଲେ। କଲେଜର ଅଧକ୍ଷ ମନୋଜ କୁମାର ପଟ୍ଟନାୟକ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏନ୍ଏସ୍ଏସ୍‌ର ସଂଯୋଜକ ସୀତାରାମ ପ୍ରଧାନ ଧନ୍ୟବାଦ ଦେଇଥିଲେ। ପରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆଇନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ପାରଳାଖେମୁଣ୍ଡି,୯।୧୧ (ସ୍ୱ.ପ୍ର):

ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଗରିବ ଓ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ମଞ୍ଚର ସଭାପତି ଅବସରପ୍ରାପ୍ତ ଇଂ. ଲକ୍ଷ୍ମୀନୃସିଂହ ରଥଙ୍କ ତତ୍ତ୍ୱାବଧାନରେ ଏହି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଥାନରେ ଶୀତ କାକରରେ ଅସହାୟ ଅବସ୍ଥାରେ ଥିବା କେତେକ ବ୍ୟକ୍ତିଙ୍କୁ ମଞ୍ଚ ପକ୍ଷରୁ ଏହି ଶୀତବସ୍ତ୍ର ଦିଆଯାଇଛି। ବରିଷ୍ଠ ନାଗରିକଙ୍କ ଏଭଳି ମହତ ପ୍ରୟାସକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କାର୍ଯ୍ୟକ୍ରମରେ ମଞ୍ଚ ପକ୍ଷରୁ ସତ୍ୟବାଦୀ ପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ଗଜେନ୍ଦ୍ର ପଣ୍ଡା, ଭବାନୀ ଶଙ୍କର ଆଚାର୍ଯ୍ୟ, ଅରକ୍ଷିତ ପାତ୍ର, କାମେଶ୍ୱର ବିଶ୍ୱାଳ, ଦେବେନ୍ଦ୍ର ନାଥ ପାଢ଼ୀ ଉପସ୍ଥିତ ରହି ସହଯୋଗ କରିଥିଲେ।




ମଞ୍ଚର ସଦସ୍ୟମାନେ ଶୀତବସ୍ତ୍ର ବଣ୍ଟନ ପାଇଁ ବାହାରିଛନ୍ତି।

## ଜାକର୍ତ୍ତାରେ ସୁନ୍ଦରୀ ପ୍ରତିଯୋଗିତା: ଭାଗନେବେ ସିମ୍‌ରନ୍

ଦାମନଯୋଡ଼ି,୯।୧୧(ଡି.ଏନ୍.ଏ.)

### ଆର୍ଥିକ ସହାୟତା ଦେଲା ରୋଟାରୀ କ୍ଲବ



ମଡେଲ ସିମ୍‌ରନ୍‌ଙ୍କୁ ଚେକ୍ ଆକାରରେ ଆର୍ଥିକ ସହାୟତା ଦିଆଯାଉଛି ।

ଦାମନଯୋଡ଼ି ରୋଟାରୀ କ୍ଲବ ପକ୍ଷରୁ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଫେଶନ ଫିଏଷ୍ଟ ପ୍ରତିଯୋଗିତାରେ ଭାଗ ନେଇଥିବା ସାନ୍ତ୍ୱନା ବି. ସିମରନଙ୍କୁ ଆର୍ଥିକ ସହାୟତା ଦିଆଯାଇଛି। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇ ଦାମନଯୋଡ଼ିର ଏହି ମଡେଲ ସିମ୍‌ରନ ମିସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲର ଫାଇନାଲ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏହି ଫାଇନାଲ ରାଉଣ୍ଡ ଚଳିତ ମାସ ଇଣ୍ଡୋନେସିଆର ଜାକର୍ତ୍ତାରେ ଅନୁଷ୍ଠିତ ହେବ। ଏଥିରେ ଭାରତରୁ ୩୦ ଜଣ ପ୍ରତିଯୋଗୀ ଭାଗ ନେବେ। ସିମରନଙ୍କ ପରିବାର ଦାମନଯୋଡ଼ିର ଭେଜାପୁଟରେ ରୁହନ୍ତି। ରୋଟାରୀ କ୍ଲବ ପକ୍ଷରୁ ଶୁକ୍ରବାର ନାଲ୍‌କୋ କ୍ଲବଠାରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ସିମରନଙ୍କୁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଥିଲା। ନାଲ୍‌କୋ ଇଡି ତଥା ଦାମନଯୋଡ଼ି ରୋଟାରୀ କ୍ଲବର ପୂର୍ବ ସଭାପତି ରୋଟାରିଆନ ରବିଶଙ୍କର ଦାସ ଏହି ସହାୟତା ରାଶି ପ୍ରଦାନ କରିଥିଲେ। ସିମରନ ଫାଇନାଲ ରାଉଣ୍ଡରେ କୋରାପୁଟ ତଥା ଓଡ଼ିଶାର ସଂସ୍କୃତି ଉପରେ ଗୁରୁତ୍ୱାରୋପ କରିବେ ବୋଲି କହିଛନ୍ତି। ଉତ୍ସବରେ ରୋଟାରିଆନ ତଥା ନାଲ୍‌କୋ ମହାପ୍ରବନ୍ଧକ ସୁଶୀଲ ପାଢ଼ୀ, ସିଏଚ୍ ପ୍ରମୋଦ ପାତ୍ର, ପୂର୍ବ ସଭାପତି ରୋଟାରିଆନ ମହେଶ୍ୱର ସାହୁ, ସି.ଏସ୍.ପି. ବର୍ମା, ସତ୍ୟକାମ ନାୟକ, ପଙ୍କଜ ଡି. ଚୌହ୍ୱାନ, ଅର୍ଜୁନ ବସୁ ଉପସ୍ଥିତ ଥିଲେ। ପୂର୍ବତନ ସଭାପତି ରୋଟାରିଆନ ଦେବାଶିଷ ଛୋଟରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଲୋକ ବିକାଶ ମଞ୍ଚର ଶୋଭାଯାତ୍ରା

ବୋରିଗୁମ୍ମା,୯।୧୧(ଡି.ଏନ୍.ଏ.)

ବୋରିଗୁମ୍ମା ବ୍ଲକ କାଠରଗଡ଼ା ପଞ୍ଚାୟତ ସଦରରେ ଲୋକ ବିକାଶ ମଞ୍ଚ ଓ ମହିଳା ଲୋକ ବିକାଶ ମଞ୍ଚ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି। 'ଶିକ୍ଷା, ସ୍ୱାସ୍ଥ୍ୟ ଆମ ଅଧିକାର, ଜବାବ ଦିଅ ମୋ ସରକାର' ନାମରେ ଲୋକଙ୍କ ମଧରେ ଶିକ୍ଷା ଅଧିକାର ଆଇନ ସମ୍ପାଦନରେ ଥିବା ଅଭାବ ଅସୁବିଧା ଏବଂ ସ୍ୱାସ୍ଥ୍ୟସେବାରେ ବିଫଳତାକୁ ଦର୍ଶାଇବା ସହ ସମସ୍ୟାର ସମାଧାନ ପାଇଁ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ମଞ୍ଚ କହିଛି। ଏହି ପରିପ୍ରେକ୍ଷୀରେ ବାଇକ ଶୋଭାଯାତ୍ରା କାଠରଗଡ଼ାରୁ ବାହାରି ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ନଭେମ୍ବର ୧୫ ତାରିଖ କୋରାପୁଟରେ ପହଞ୍ଚିବ ବୋଲି ମଞ୍ଚ ସଭାପତି ତଥା ଆବାହକ ରାମଚନ୍ଦ୍ର ଭତ୍ରା ପ୍ରକାଶ କରିଛନ୍ତି। କାଠରଗଡ଼ା ସରପଞ୍ଚ ଗସିଗାଁ ମୁଦୁଲି, ସଭ୍ୟ ଧନୁର୍ଜୟ ମୁଦୁଲି ଶୋଭାଯାତ୍ରାର ଶୁଭାରମ୍ଭ କରିଥିବା ବେଳେ ମଞ୍ଚ ସମ୍ପାଦକ ସୁନାଧର ନାୟକ, ସଂଯୋଜକ ବାଳକୃଷ୍ଣ ପଟ୍ଟନାୟକଙ୍କ ସମେତ ୬୩ ଜଣ ଶୋଭାଯାତ୍ରାରେ ଭାଗ ନେଇଛନ୍ତି।

## ୧୬ରେ ଜିଲାପାଳ ଅଫିସ୍ ଘେରିବ କଂଗ୍ରେସ

ଜୟପୁର,୯।୧୧(ଡି.ଏନ୍.ଏ./ନି.ପ୍ର.)

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ପରିଚାଳନାରେ ବିଫଳତା ଏବଂ ବିଭିନ୍ନ ଭୁଲ ନିଷ୍ପତ୍ତି ଯୋଗୁ ଦେଶରେ ଅର୍ଥନୈତିକ ସଙ୍କଟ ଦେଖାଦେଇଛି । ଏହାର ପ୍ରତିବାଦରେ ଜିଲା କଂଗ୍ରେସ ଆସନ୍ତା ୧୬ରେ କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ। ଶନିବାର ମଧ୍ୟାହ୍ନରେ ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତାରାପ୍ରସାଦ ବାହିନୀପତି ଏହି ସୂଚନା ଦେଇଛନ୍ତି। ଭାଜପା ସରକାରରେ ଅର୍ଥନୀତୀ ମାନ୍ଦାବସ୍ଥା, ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ପଦାର୍ଥର ଆକାଶଛୁଆଁ ଦରବୃଦ୍ଧି ସମସ୍ତ ଜନତାଙ୍କୁ ମର୍ମାହତ କରିଛି । ୫ ବର୍ଷ ଏନଡିଏ ସରକାର ଶାସନ କରିବା ପରେ ଚଳିତ ଦଫାର ୮ ମାସ ମଧ ସରକାର କଲାଣି ଭାଜପା। କିନ୍ତୁ ଏହି ସମୟରେ ଦେଶରେ ଆର୍ଥିକ ସ୍ଥିତ ଜଟିଳ ହେଉଛି। ବିଦେଶରୁ କଳାଧନ ଆଣିବା, ପ୍ରତ୍ୟେକଙ୍କ ବ୍ୟାଙ୍କଖାତାକୁ ୧୫ ଲକ୍ଷ ଟଙ୍କା ଜମାହେବା, ୨ କୋଟି ଯୁବତୀ ଯୁବକଙ୍କୁ ନିଯୁକ୍ତି ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରିନାହାନ୍ତି। ତେଣୁ ଏହାକୁ ବିରୋଧ କରି ଧାରଣା ଦେବ କଂଗ୍ରେସ। ଏଥିରେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଜୟପୁର ଓ ବୋରିଗୁମ୍ମା ବ୍ଲକ ଅଞ୍ଚଳରୁ ୪୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେବେ। ବୈଠକରେ କଂଗ୍ରେସ ନେତା ଅଶୋକ ଗନ୍ତାୟତ, ନିହାର ବିଶୋୟୀ, ବସନ୍ତ ନାୟକ, ସୁକାନ୍ତ ପଟ୍ଟନାୟକ, ଗଙ୍ଗାଧର ସାହୁ, ବୁଲୁ ସାହୁ, ହାସନ ମଦାନି, ନଳିନୀ ରଥ ଉପସ୍ଥିତ ଥିଲେ।

# ନୂଆଗଡ଼ ବ୍ଲକରେ ଡେଙ୍ଗୁ ଆତଙ୍କ

ଆର.ଉଦୟଗିରି,୯।୧୧(ଡି.ଏନ.ଏ.)

ଗଜପତି ଜିଲା ନୂଆଗଡ ବ୍ଲକ ନୂଆଗଡ ଗ୍ରାମ ନଦୀପାଖ ସାହିର ୩୩ ଜଣ ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅଧିକାଂଶ ରୋଗୀ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଶୁକ୍ରବାର ଏଠାରେ ୧୦ ଜଣ ଚିକିତ୍ସିତ ହେଉଛନ୍ତି। ନଦୀପାଖ ସାହି ଗ୍ରାମର ପ୍ରିୟ ପାଣିଙ୍କୁ କିଛିଦିନ ତଳେ ଜ୍ୱର ହୋଇଥିଲା। ନିକଟସ୍ଥ ଡାକ୍ତରଖାନାକୁ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହାପରେ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଜ୍ୱରରେ ପଡିଥିଲେ। ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ପାରଳାଖେମୁଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ କେତେକଙ୍କୁ ବ୍ରହ୍ମପୁର ବଡମେଡିକାଲ ନିଆଯାଇଥିଲା। ଏନେଇ ଗଜପତି ଜିଲା ସିଡିଏମ୍ଓ ଡା. ଗୁନୁରାଣୀ ପଟ୍ଟନାୟକଙ୍କୁ ପଚାରିବାରୁ ଗ୍ରାମର ୩୩ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକଲକୁ ପଠାଯାଉଛି ବୋଲି କହିଥିଲେ। ତେବେ ଡେଙ୍ଗୁ ରୋଗରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେବାର କୌଣସି ସୂଚନା ନାହିଁ ବୋଲି ସେ କହିଥିଲେ। ଅନ୍ୟପକ୍ଷେର ଶୁକ୍ରବାର ନୂଆଗଡ ଗ୍ରାମର ଲୋକମାନେ ଏ ବିଷୟରେ ବିଡିଓ ପ୍ରଫୁଲ କୁମାର ମୁର୍ମୁଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଖଜୁରିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଜଣାଇଥିଲେ। ସେଠାରୁ ଏକ ସ୍ୱାସ୍ଥ୍ୟଟିମ ଗ୍ରାମରେ ପହଞ୍ଚି ବିଭିନ୍ନ ସାହିରେ ବ୍ଲିଚିଂ ପକାଇବା ସହ ଆବଶ୍ୟକୀୟ ପଦକ୍ଷେପ ନେଇଥିଲେ। ସେହିପରି ଗ୍ରାମର ଯୁବକମାନେ ମଧ ସଫେଇ କରିଛନ୍ତି।



ଯୁବକମାନେ ଆବର୍ଜନା ସଫା କରୁଛନ୍ତି।

### ଜଣେ ମୃତ, ୩୩ ଆକ୍ରାନ୍ତ